ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୭ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଅମଲା ସଂଘ ପ୍ରତିଷ୍ଠା ଦିବସରେ ଚାରାରୋପଣ

ଜୟପୁର,୧୬।୭ (ପବନ ପାଣିଗ୍ରାହୀ)- ଓଡିଶା ଅମଲା ସଂଘର ୮୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜୟପୁରରେ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜୟପୁର ଉପଖଣ୍ଡ ଓ କୋରାପୁଟ ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ସାମିଲ ହୋଇ ଚାରାରୋପଣ କରିଥିଲେ। ସମସ୍ତେ ପାୱାର ହାଉସ ଛକଠାରୁ ବାହାରି ଜୟପୁର ରିଙ୍ଗ୍‌ରୋଡ, ଜାତୀୟ ରାଜପଥ ପାର୍ଶ୍ୱ ସ୍ମଶାନ ଚତୁଃପାର୍ଶ୍ୱରେ ଚାରାରୋପଣ କରିଥିଲେ। କୋରାପୁଟ ଜିଲା ଶାଖାର ଓଡ଼ିଶା ଅମଲା ସଂଘ ସଭାପତି ଶଶୀଭୂଷଣ ଦାଶ, ଉପସଭାପତି ବୃନ୍ଦାବନ ପଣ୍ଡା, ସମ୍ପାଦକ ସଞ୍ଜୟ ପଣ୍ଡା, କାର୍ଯ୍ୟାଳୟ ସଭାପତି ଶ୍ରୀଧର ହୋତା, ଯୁଗ୍ମ ସମ୍ପାଦକ ଜୟନ୍ତ ସାହୁ, କାଳି ପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୌଧୁରୀ, ତ୍ରିନାଥ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଶତାଧିକ ଆମ୍ବ, ପଣସ, ପିଜୁଳି, ନିମ,ଗୁଆ, ଅଁଳା, ଜାମୁକୋଳି, ଚମ୍ପା ଆଦି ଚାରାରୋପଣ କରିଥିଲେ।

### ଅମଲା ସଂଘର ପ୍ରତିଷ୍ଠା ଦିବସ

କୋରାପୁଟ,୧୬।୭(ଅମିତାଭ ବେହେରା)- କୋରାପୁଟ ଆଦିବାସୀ ସଂଗ୍ରାହାଳୟଠାରେ ରବିବାର ଓଡିଶା ଅମଲା ସଂଘ ତା'ର ୮୦ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଅମଲା ସଂଘ ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଲକାନଗିରି, ନବରଙ୍ଗପୁର ଜିଲା ସମେତ ଅନ୍ୟ ଜିଲାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଜିଲା ଶିଳ୍ପ ଶିକ୍ଷାପ୍ରତିଷ୍ଠାନ ଅଧକ୍ଷ ମୁଖ୍ୟଅତିଥି, ନରେନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ଗୌରୀ ପଣ୍ଡା, ଜ୍ୟୋତିରାଣୀ ପଣ୍ଡା, ନିତ୍ୟାନନ୍ଦ ଭତ୍ରା, ସୁନାକର ରାଉତ ଉପସ୍ଥିତ ଥିଲେ।

### ପାଡାଲପୁଟରୁ ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

କୋରାପୁଟ,୧୬।୭(ଅମିତାଭ ବେହେରା)- କୋରାପୁଟ ଜିଲାର ପାଡୁଆ ଥାନା ଅନ୍ତର୍ଗତ ପାଡାଲପୁଟ ଗ୍ରାମରୁ ରବିବାର ସକାଳେ ୨୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ପାଡୁଆ ପୋଲିସ ପାଡାଲପୁଟ ଗ୍ରାମକୁ ଯାଇ ସେଠାରେ ଏକ ଘରେ ଲୁଚାଇ ରଖାଯାଇଥିବା ୧୦ ବସ୍ତା ଗଞ୍ଜେଇ ଜବତ କରିଥିଲା। ଏହାକୁ ଓଜନ କରିବାରୁ ଏହା ୨ କୁଇଣ୍ଟାଲ ୩ କେଜି ହୋଇଥିଲା। ଏହାର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

### ରାଜେନ୍ଦ୍ରଙ୍କୁ ସହାୟତା ଦେଲା ମୋଟର ମେକାନିକାଲ ସଂଘ

କୋରାପୁଟ,୧୬।୭(ଅମିତାଭ ବେହେରା)- କୋରାପୁଟ ମୋଟର ମେକାନିକାଲ ସଂଘ ପକ୍ଷରୁ ରବିବାର ଗ୍ୟାରେଜ ପୋଡି କ୍ଷତିଗ୍ରସ୍ତ ରାଜେନ୍ଦ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘ ସଭାପତି ଜାମି ସତ୍ୟନାରାୟଣ ରାଜେନ୍ଦ୍ର କୁମାରଙ୍କୁ ୧୫ ହଜାର ଟଙ୍କାର ସହାୟତା ରାଶି ଦେଇଛନ୍ତି। କୋରାପୁଟ ମୋଟର ମେକାନିକାଲ ସଂଘ ପକ୍ଷରୁ ସହରରେ ଥିବା ବିଭିନ୍ନ ଗ୍ୟାରେଜ ମାଲିମାନଙ୍କଠାରୁ ସଂଗୃହୀତ ଉପରୋକ୍ତ ରାଶିକୁ ରାଜେନ୍ଦ୍ରଙ୍କୁ ପ୍ରଦାନ କରାଯାଇଛି। ଗତ ୫ ତାରିଖ ରାତିରେ କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନିକଟରେ ଥିବା ରାଜେନ୍ଦ୍ରଙ୍କ ବାଇକ୍ ଗ୍ୟାରେଜରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଏଥିରେ ଗ୍ୟାରେଜଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସାମାଜିକ କର୍ମୀ ଟି. କିରଣ କୁମାର ତାଙ୍କୁ୫ ହଜାର ଟଙ୍କା ପ୍ରଦାନ କରିଥିବାବେଳେ ରବିବାର ସଂଘ ତାଙ୍କୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛି।

# ଜାଗା ଚିହ୍ନଟ କଲେ ବିଭାଗୀୟ ଅଧିକାରୀ

- ଲାକ୍ଷ୍ମୀ ଯୋଜନାରେ ହେବ ବସଷ୍ଟାଣ୍ଡ
- ଓଏସ୍‌ଆରଟିସି ଜାଗାକୁ ମାଡି ବସିଛନ୍ତି ଜବରଦଖଲକାରୀ
- ଉଚ୍ଛେଦ କରାଯିବା ନେଇ ଚିନ୍ତାରେ ବିଭାଗ
- ୧ ଏକର ଜାଗାରେ ହେବ ବସ୍‌ଷ୍ଟାଣ୍ଡ, ଗ୍ୟାରେଜ



ଅଧିକାରୀମାନେ ନୂତନ ବସଷ୍ଟାଣ୍ଡ ଓ ଗ୍ୟାରେଜ ନିର୍ମାଣ କରିବାକୁ ଜାଗା ଚିହ୍ନଟ କରୁଛନ୍ତି।

ପଟ୍ଟାଙ୍ଗି,୧୬।୭(ଶରତ ଧଳ)

ରାଜ୍ୟ ସରକାର ରାଜ୍ୟର ସମସ୍ତ ବ୍ଲକ ସଦର ମହକୁମାରେ ଓଏସ୍‌ଆରଟିସି ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ଲାଗି ଯୋଜନା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ଏହି ବସଷ୍ଟାଣ୍ଡ ପାଇଁ ଇତିମଧ୍ୟରେ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ମଧ୍ୟ ଉକ୍ତ କାର୍ଯ୍ୟ ଦେଖିବାକୁ ମିଳିଛି। ତେବେ ବସଷ୍ଟାଣ୍ଡ ପରିସରରେ ଥିବା ଓଏସ୍‌ଆରଟିସିର ଜମିକୁ କେତେ ଜଣ ଲୋକ ଏବଂ ବ୍ଲକ ପ୍ରଶାସନ ନିଜ ଦଖଲକୁ ନେଇ ମାର୍କେଟ କମ୍ପ୍ଲେକ୍ସ, ଘର ଓ ଦୋକାନ କରି ଦୀର୍ଘବର୍ଷ ହେଲା ଜବରଦଖଲ କରିଛନ୍ତି। ଏହାକୁ କିପରି ଉଚ୍ଛେଦ କରାଯିବ ସେନେଇ ବିଭାଗ ଚିନ୍ତା ପ୍ରକଟ କରିଛି। ରାଜ୍ୟ ସରକାର ଲାକ୍ଷ୍ମୀ ଯୋଜନାର ପ୍ରଥମ ପର୍ଯ୍ୟାୟରେ କୋରାପୁଟ, ମାଲକାନଗିରି ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ କଳାହାଣ୍ଡି ଜିଲାରେ ନୂତନ ବସଷ୍ଟାଣ୍ଡ ସହ ଗ୍ୟାରେଜ ନିର୍ମାଣ କରିବାକୁ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଏହି ଯୋଜନାରେ ରାଜ୍ୟର ବିଭିନ୍ନ ଜିଲାରେ ଏପରି ବସଷ୍ଟାଣ୍ଡ ଓ ଗ୍ୟାରେଜ ନିର୍ମାଣ କରିବାକୁ ସ୍ଥିର ହୋଇଛି। ପଟ୍ଟାଙ୍ଗି ବ୍ଲକର ଜମି ଚିହ୍ନଟ ପାଇଁ ଓଏସ୍‌ଆର୍‌ଟିସିର ଏଇଓ ସନ୍ତୋଷ ଶତପଥୀ, କନିଷ୍ଠ ଯନ୍ତ୍ରୀ ସଲକନ ମାଝୀ ଆସିଥିଲେ। ସେମାନେ ନିଜ ବିଭାଗର ତହସିଲ ଅଧୀନରେ ପଟ୍ଟାଙ୍ଗୀ ମୌଜାରେ ଥିବା ୪୭ସେଣ୍ଟ୍ ଜମି ଚିହ୍ନଟ କରିଥିଲେ। ଏହାର ଖାତା ନଂ. ୨୨୩/୦୨, ପ୍ଲଟ ନଂ ୫୩୮ ବୋଲି ରେକର୍ଡରେ ରହିଛି। ଜମି ଚିହ୍ନଟ କାର୍ଯ୍ୟରେ ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ସୁପରଭାଇଜର ଗୋଲକ ବିହାରୀ ପରିଡ଼ା ଏବଂ ଅମିନ କୃଷ୍ଣଚନ୍ଦ୍ର ସାହାଣୀ ସାମିଲ ହୋଇଥିଲେ। ସେମାନଙ୍କ ସହ ଆଲୋଚନା କରି ବିଭାଗର ଗ୍ୟାରେଜ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ୧ଏକର ଜାଗାଚିହ୍ନଟ କରିବାକୁ ଅଧିକାରୀମାନେ ଆଲୋଚନା କରି ଫେରିଛନ୍ତି। ସୂଚନାଯୋଗ୍ୟ, ଓଏସ୍‌ଆରଟିସିର ଜାଗା ଚିହ୍ନଟ ପ୍ରକ୍ରିୟା ଦେଖି ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଛି। ଜବରଦଖଲ କରି ଦୀର୍ଘବର୍ଷ ହେଲା ନିଶ୍ଚିନ୍ତରେ ଥିବା ଏହି ଲୋକମାନେ ଏବେ ଚିନ୍ତାରେ ପଡିଛନ୍ତି। ତେବେ ସରକାର ବ୍ଲକର ପ୍ରତ୍ୟେକ ପଞ୍ଚାୟତ ସ୍ତରରୁ ବ୍ଲକ ସଦର ମହକୁମାକୁ ବସ୍ ଚଳାଚଳ ନେଇ ଯୋଜନା କରୁଥିବା ବେଳେ ଏହା ପୂର୍ବରୁ ଏଥିପାଇଁ ଜାଗା ଚିହ୍ନଟ ହେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ଡ୍ରେନରେ ପଡିନି ପ୍ଲେଟ୍, ରାସ୍ତାରେ ଦବିଯାଉଛି ଚକା

ପଟ୍ଟାଙ୍ଗି,୧୬।୭(ଶରତ ଧଳ)

ଜାତୀୟ ରାଜପଥ କଡରେ ଥିବା ଡ୍ରେନଗୁଡ଼ିକ ଦୁର୍ବଳ ହୋଇ ଯାଇଥିଲେ ସୁଦ୍ଧା ଏଗୁଡିକର ମରାମତି କିମ୍ବା ପୁନରୁଦ୍ଧାର ସକାଶେ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଡ୍ରେନ ଉପରେ ପ୍ଲେଟ ପଡି ନ ଥିବାରୁ ଅଳିଆ ଆବର୍ଜନା ଭରି ରହିଛି। ଫଳରେ ରାତିରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଟ୍ରକଚାଳକ ମାନେ ରାସ୍ତା ପାର୍ଶ୍ୱରେ ଟ୍ରକ ରଖି ବିଶ୍ରାମ ନେଉଥିବା ବେଳେ ଅଘଟଣମାନ ଘଟୁଛି। ବେଳେବେଳେ ଟ୍ରକର ଚକ ଦବି ଯାଇ ଡ୍ରେନ ଭିତରେ ପଶି ରହୁଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ଭାରତୀୟ ଷ୍ଟେଟବ୍ୟାଙ୍କ ନିକଟରେ ଏକ ଟ୍ରକ ରାସ୍ତା କଡର ଗୋଟିଏ ପାର୍ଶ୍ୱକୁ ଦବି ଢଳି ରହିଥିବା ରବିବାର ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଏହି ଟ୍ରକ (ଏପି୩୯ୟୁଜି- ୩୭୮୮) କୌଣସି କାରଣରୁ ଜାତୀୟ ରାଜପଥ ପାର୍ଶ୍ୱର ଡ୍ରେନ ପଶିଯାଇ ଗୋଟିଏ ପାର୍ଶ୍ୱକୁ ଢଳି ପଡିଥିଲା। ଏହି ପୁରାତନ ଡ୍ରେନଗୁଡିକୁ ମରାମତି କିମ୍ବା ପୁନରୁଦ୍ଧାର କରିବାକୁ ବିଭାଗ କୌଣସି ପ୍ରୟାସ କରୁନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଜାତୀୟ ରାଜପଥ ବିଭାଗ ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ସଦର ମହକୁମାର ଗାଙ୍ଗମା ମନ୍ଦିରଠାରୁ ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ନୂତନ ଡ୍ରେନ ନିର୍ମାଣ କରା ଯାଇଛି। ମାତ୍ର ଡ୍ରେନ ଉପରେ ପ୍ଲେଟ ପଡି ନ ଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଡ୍ରେନ ପାଣିରେ ଉଚ୍ଛୁଳୁଛି। ଦୀର୍ଘବର୍ଷ ହେଲା ଡ୍ରେନ ତିଆରି ହୋଇଥିବାରୁ ଏହାର ମୂଳଦୁଆ ମଧ୍ୟ ଦୁର୍ବଳ ହୋଇ ପଡିଲାଣି। ଏଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଟ୍ଟାଙ୍ଗି ବିକାଶ ପରିଷଦ ଦାବି କରିଛି।

## କୁକୁଡ଼ାପକ୍ଷୀ-ଡୁମୁରିବାରି ରାସ୍ତା ଶୁଭାରମ୍ଭ କଲେ ବିଧାୟକ


ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି ବିଧାୟକ।

ନନ୍ଦପୁର, ୧୬।୭ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ଗସ୍ତରେ ଆସି ରବିବାର ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ କୁକୁଡ଼ାପକ୍ଷୀ-ଡୁମୁରିବାରି ଆରଡି ରାସ୍ତା ଶୁଭାରମ୍ଭ କରିଛନ୍ତି। ଏହି ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ଲୋକେ ବହୁଦିନ ହେଲା ଦାବି କରି ଆସୁଥିଲେ। ସୁନାବେଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ରାସ୍ତା କୁକୁଡ଼ାପକ୍ଷୀ-ଡୁମୁରିବାରିକୁ ସଂଯୋଗ କରିବ। ଏଥିପାଇଁ ୩ କୋଟି ଟଙ୍କା ବ୍ୟୟ ହେବ। ରାସ୍ତା ଯୋଗୁ ପାଡୁଆ ପଞ୍ଚାୟତର ହାତୀବାରି ଓ ଖିନବର ପଞ୍ଚାୟତବାସୀଙ୍କ ରହିଥିବା ଯାତାୟାତ ସମସ୍ୟାର ସମାଧାନ ହେବ। ସେହିଭଳି ଏହି ଅବସରରେ ବିଧାୟକ ଆମ୍ବପଡ଼ା ଗ୍ରାମରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବିଧାୟକ ପାଢୀଙ୍କ ସମେତ ସରପଞ୍ଚ ଗୋପୀନାଥ ଶିସା, ସମିତିସଭ୍ୟ ନୀଳକଣ୍ଠ ମାଝୀ, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତୁଲ, ଏସ୍‌ଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ମୁନା ଦଳପତି, ସୁନିଲ ସାହୁ, ସୁରେଶ ପଟ୍ଟନାୟକ, ଏସ.କେ. ବାଜି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଅଜାଣତରେ ୩ ଲକ୍ଷ ଠକି ନେଲା ମାଇକ୍ରୋ ଫାଇନାନ୍ସ


ଠକେଇର ଶିକାର ହୋଇଥିବା ଗ୍ରାମବାସୀ।

**ଋଣ କରାଇ ଦେବା ଆଳରେ ଠକେଇ**

ଦଶମନ୍ତପୁର, ୧୬।୭ (ଅରବିନ୍ଦ ନାୟକ)

ମାଇକ୍ରୋ ଫାଇନାନ୍ସରୁ ଋଣ କରାଇଦେବା ଆଳରେ କୋରାପୁଟ ଜିଲା ଦଶମନ୍ତପୁରରେ ମହିଳାମାନଙ୍କଠାରୁ ୩ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏନେଇ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ଜଣାପଡିଛି, ଦଶମନ୍ତପୁର ବ୍ଲକର ପାଇକ ଫୁଲବେଡ଼ା ପଞ୍ଚାୟତ ପଣ୍ଡସ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳାଙ୍କୁ ଗତ ୯ ମାସ ତଳେ ମାଇକ୍ରୋ ଫାଇନାନ୍ସରୁ ଋଣ କରିଦେବାକୁ କହି କମ୍ପାନୀ ଶାଖା ପରିଚାଳକ ଗଗନ ସ୍ୱାଇଁ ଏବଂ ମରାଡ ଗ୍ରାମର କରଫୁଲ ହରିଜନ ପଣ୍ଡସ ଗ୍ରାମକୁ ଯାଇ ଗ୍ରାମରେ ଏକ ବୈଠକ କରିଥିଲେ। ଋଣ କଲେ କମ ସୁଧ ହାରରେ ପରିଶୋଧ କରିବାକୁ ପଡିବ ବୋଲି ଉଭୟେ କହିଥିଲେ। ପରେ ମୁଣ୍ଡ ପିଛା ୩୦ ହଜାର ଟଙ୍କା ଲେଖାଏ ଋଣ କରିବାକୁ ସେମାନଙ୍କଠାରୁ ଆଙ୍ଗୁଠି ଚିହ୍ନ, ଆଧାର କାର୍ଡ ସହ ଅନ୍ୟାନ୍ୟ କାଗଜପତ୍ର ନେଇଥିଲେ। ପରେ ମହିଳାମାନଙ୍କ ନାମରେ ମାଇକ୍ରୋ ଫାଇନାନରୁ ୩୦ ହଜାର ଟଙ୍କା ଲେଖାଏ ଋଣ ହୋଇଥିଲା। ମାତ୍ର ଏହା ସମ୍ପୃକ୍ତ ମହିଳାମାନଙ୍କ ନାମରେ ହୋଇଥିବା ନେଇ ସେମାନଙ୍କୁ ଜଣାଇ ନ ଥିଲେ। ସମ୍ପୃକ୍ତା ମହିଳାମାନଙ୍କ ଅଜାଣତରେ ଏଟିଏମ କାର୍ଡ କରିନେଇ ଟଙ୍କା ଉଠାଇ ନେଇ ଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହା ଜାଣିବା ପରେ ମହିଳାମାନେ ସେମାନଙ୍କଠାରୁ ଋଣ କାଗଜପତ୍ର ସଂଗ୍ରହ କରି ନେଇଥିବା ସମ୍ପୃକ୍ତ ଦୁଇ ବ୍ୟକ୍ତିଙ୍କୁ ଚିହ୍ନଟ କରି ବି.ସିଙ୍ଗପୁର ଫାଣ୍ଡିରେ ଏତଲା ଦେଇଛନ୍ତି। ସମ୍ପୃକ୍ତ ୨ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ଦେବେନ୍ଦ୍ରନାଥ ବେହେରା କହିଛନ୍ତି।

## ଏସ୍‌ଓଜି ପକ୍ଷରୁ ମେଗା ରକ୍ତଦାନ ଶିବିର

କୋରାପୁଟ, ୧୬।୭(ଅମିତାଭ ବେହେରା)

କୋରାପୁଟ ଏସଓଜି ପକ୍ଷରୁ ରକ୍ତଦାନ ଅମୃତ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ଏସ୍‌ଓଜି କ୍ୟାମ୍ପରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏସଓଜି କମାଣ୍ଡାଣ୍ଟ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ସମ୍ପର୍କରେ ସୂଚନା ଦେଇ ସେ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଏମ. ଶତପଥୀ, ସହକାରୀ କମାଣ୍ଡାଣ୍ଟ ଆଶିଷ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ଓ ଯୁବ ରେଡକ୍ରସର ଜିଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ,ଏସଓଜି ଇନ୍ସପେକ୍ଟର ଖଗପତି ନାୟକ, ଏସ୍‌ଆଇ ପି . ବେହେରା ଉପସ୍ଥିତ ଥିଲେ। ଶହୀଦ ଲକ୍ଷ୍ମଣ ନାୟକ ବ୍ଲଡ ସେଣ୍ଟର୍‌ର ଅଧିକାରୀ ଡ. ଫକିର ଚରଣ ମୁଣ୍ଡା ଓ ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ବ୍ଲଡ ସେଣ୍ଟରର ରକ୍ତ ସଂଗ୍ରହକାରୀ ଟିମ୍ ଭି.ଗଙ୍ଗାଧର, ରଞ୍ଜିତ ସାହୁ, ବି.ଶୋଇନୀଙ୍କ ସମେତ କନିଷ୍ଠ ଡାକ୍ତର, ଲାବ ଟେକ୍‌ନିସିଆନ ଓ ଛାତ୍ରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୧୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ପୁରୁଣା ମାର୍କେଟର ପୁନରୁଦ୍ଧାର ନେଇ ଜିଲାପାଳଙ୍କ ଗୁରୁତ୍ୱ


ପୁରୁଣା ମାର୍କେଟ୍ ଅଞ୍ଚଳ ପରିଦର୍ଶନ କରୁଛନ୍ତି ଜିଲାପାଳ।

କୋରାପୁଟ,୧୬।୭(ଅମିତାଭ ବେହେରା)

କୋରାପୁଟ ପୌର ପରିଷଦ ଅଧୀନରେ ଥିବା ପୁରୁଣା ମାର୍କେଟର ପୁନରୁଦ୍ଧାର ସକାଶେ ଜିଲାପାଳ ଅବଦଲ ଏମ. ଅଖତାର ରବିବାର ମାର୍କେଟ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସହରର ମଧ୍ୟଭାଗରେ ଥିବା ଏହି ପୁରୁଣା ମାର୍କେଟ କମ୍ପ୍ଲେକ୍ସରେ ୪୦ରୁ ଊର୍ଦ୍ଧ୍ୱ ଛୋଟ ବଡ ଦୋକାନ ରହିଛି। ଦୀର୍ଘ ଦିନ ହେଲା ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହା ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ଏଥିପାଇଁ ସେଠାରେ ବ୍ୟବସାୟ କରିବାକୁ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନରୁଦ୍ଧାର ଲାଗି ଜିଲାପାଳ ଅଖତାର ଗୁରୁତ୍ୱାରୋପ କରି ରବିବାର ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ବୁଲି ଦେଖିଛନ୍ତି। ଏହାକୁ ଶୀଘ୍ର ପୁନରୁଦ୍ଧାର କରି ସ୍ଥାନୀୟ ବ୍ୟବସାୟୀମାନଙ୍କୁ ପ୍ରଦାନ କରିବାକୁ ଉଭୟେ ଗୁରୁତ୍ୱରୋପ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପୁରୁଣା ମାର୍କେଟର ବିକାଶ ନେଇ ବ୍ୟବସାୟୀ ଓ ମ୍ୟୁନିସିପାଲିଟି ଅଧକ୍ଷଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା।

## ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମକୁ ନେଇ କ୍ଲଷ୍ଟରସ୍ତରୀୟ ବୈଠକ

କୋରାପୁଟ,୧୬।୭(ଅମିତାଭ ବେହେରା )

କୋରାପୁଟ ବ୍ଲକରେ ସବୁ କ୍ଲଷ୍ଟରର ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ହୋଇଥିବା ଏହି ବୈଠକକୁ ସିଆରସିମାନେ ନିଜ ନିଜ କ୍ଲଷ୍ଟରରେ ଆୟୋଜନ କରି ପରିଚାଳନା କରିଥିଲେ। ଏହାକୁ ଜିଲା ଏବଂ ବ୍ଲକ ଶିକ୍ଷା ଅଧିକାରୀମାନେ ତଦାରଖ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, କୋରାପୁଟ ବିଇଓ ଶ୍ରୀକାନ୍ତ ଜାନୀ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ଶିକ୍ଷକ ପ୍ରଶିକ୍ଷକ ମମତା ଝଡିଆ, ଏବିଇଓ ଶିବ ରଥ, ଜସନ ବେନ୍ୟା ପ୍ରମୁଖ ବିଭିନ୍ନ ବୈଠକରେ ଯୋଗ ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ୟୁନିଫର୍ମ, ୟୁ ଡାଇସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୋ ଡାଏରୀ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଆରସିସି ପ୍ରଦୀପ ପାତ୍ର, ହର ମିଶ୍ର, ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା, ଜ୍ୟୋତି ପାଢ଼ୀ, ସୂର୍ଯ୍ୟ ବେହେରା,ବାସୁଦେବ ଦାସ, ଲୁଙ୍ଗୁରି ଶଙ୍କର ପ୍ରମୁଖ ନିଜ ନିଜ କ୍ଲଷ୍ଟରରେ ବୈଠକ ଆୟୋଜନ କରି ପରିଚାଳନା କରିଥିଲେ।



କ୍ଲଷ୍ଟରସ୍ତରୀୟ ମାସିକ ବୈଠକରେ ଉପସ୍ଥିତ ସିଆରସିସି ଓ ଶିକ୍ଷୟିତ୍ରୀମାନେ।

# ସୀମାନ୍ତରେ ଭୁଶୁଡ଼ିପଡ଼ିଛି ପ୍ରାକ୍‌ଶିକ୍ଷା ବ୍ୟବସ୍ଥା

- ଲାଗିରହିଛି ଭିତ୍ତିଭୂମି ଅଭାବ, ଶିକ୍ଷକ ଅଭାବଜନିତ ସମସ୍ୟା
- ଗ୍ରାମ ବାହାରେ ଚାଲିଛି ପିଲାଙ୍କ ପ୍ରାକ୍‌ଶିକ୍ଷା,ପୋଷଣ କାର୍ଯ୍ୟକ୍ରମ

ନନ୍ଦପୁର, ୧୬।୭ (ଶଙ୍କର ପୂଜାରୀ)



ସୁତୁବ ପ୍ରାଥମିକ ବିଦ୍ୟାଳୟର ଦୂରବସ୍ଥା।

କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତରେ ପ୍ରାକ୍‌ଶିକ୍ଷା ବ୍ୟବସ୍ଥା ଭୁଶୁଡିପଡିଛି। ଓଡ଼ିଆ ଭାଷାଠାରୁ କ୍ରମଃଶ ଦୂରେଇ ଯାଉଛନ୍ତି ସୀମାନ୍ତବାସୀ। ଦୁର୍ବଳ ଭିତ୍ତିଭୂମି ସାଙ୍ଗକୁ ଛାତ୍ରୀଛାତ୍ର ଅଭାବ, ଶ୍ରେଣୀ ଅନୁପାତରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ, ଖାଦ୍ୟପେୟ, ପ୍ରୋତ୍ସାହନ, ଖେଳ ପଡିଆ, ପାନୀୟଜଳ ଓ ଶୌଚାଳୟ ଆଦିରେ ଫରକ ହେତୁ ସୀମାନ୍ତବାସୀଙ୍କ ତେଲୁଗୁ ଶିକ୍ଷା ପ୍ରତି ଆଗ୍ରହ ବଢୁଛି। ଓଡ଼ିଶାରେ ପଞ୍ଚାୟତ ପିଛା ଗୋଟିଏ ଆବାସିକ ବିଦ୍ୟାଳୟ ଖୋଲିବା କଷ୍ଟ ହେଉଥିବା ବେଳେ ସୀମାନ୍ତରେ ଆନ୍ଧ୍ର ଗୋଟିଏ ଗ୍ରାମରେ ୧୦ଟି ଆବାସିକ ବିଦ୍ୟାଳୟ ଖୋଲି ପ୍ରଥମରୁ ଦାଦଶ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପିଲାଙ୍କୁ ତେଲୁଗୁ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା କରିଛି। ଏଥିରୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଦୁର୍ଗମ ଅଞ୍ଚଳରେ ପ୍ରାକ୍‌ଶିକ୍ଷା ବ୍ୟବସ୍ଥା କେତେ ସୁଦୃଢ ଓ ଶକ୍ତିଶାଳୀ ହୋଇ ରହିଛି ତାହା ସ୍ପଷ୍ଟ ହେଉଛି।

ନନ୍ଦପୁର ବ୍ଲକ ସୀମାନ୍ତରେ ୭ ପଞ୍ଚାୟତ ଗୋଲୁର, ପାଛଲୁଙ୍ଗ, ବିଲାପୁଟ, ଚାଟୁଆ, ଖିନବର, ପରଜାବଡପଡ଼ା ଓ ନନ୍ଦକା ପଞ୍ଚାୟତ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଛି। ସୀମା ଆରପଟେ ଥିବା ଆନ୍ଧ୍ରର ପ୍ରାକ୍‌ଶିକ୍ଷା ବ୍ୟବସ୍ଥା ଠିକ୍ ଥିବା ବେଳେ ଓଡ଼ିଶା ସରକାରଙ୍କ ୭ ପଞ୍ଚାୟତରେ ଥିବା ୬୮ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୨୯୨୮ ଜଣ ୦ରୁ ୬ ବର୍ଷ ପିଲାଙ୍କ ପ୍ରାକ୍‌ଶିକ୍ଷା ଓ ପୋଷଣ କାର୍ଯ୍ୟକ୍ରମ ଗ୍ରାମ ବାହାରେ ଚାଲିଛି। ଶିକ୍ଷାବିଭାଗ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରୀଙ୍କ ପାଇଁ ୫୨ଟି ଓ ମଙ୍ଗଳ ବିଭାଗର ମାତ୍ର ୩ଟି ବିଦ୍ୟାଳୟରେ ୩୦୫୫ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିପାଇଁ ୧୪୯ ଶିକ୍ଷୟିତ୍ରୀ ଶିକ୍ଷକ ଥିବା ବେଳେ କୌଣସି ବିଦ୍ୟାଳୟରେ ଶ୍ରେଣୀ ଅନୁପାତରେ ଶ୍ରେଣୀଗୃହ ଓ ଶିକ୍ଷକ ନାହାନ୍ତି। ପାନୀୟ ଜଳ,ଶୌଚାଳୟ, ସୁରକ୍ଷା ପାଚେରି, ଖେଳ ପଡିଆ ବିଦ୍ୟୁତ୍ ସଂଯୋଗ ଆଦି ନାହିଁ। ଓଡ଼ିଶା ଅଙ୍ଗନୱାଡ଼ି କେନ୍ଦ୍ରରେ ସପ୍ତାହକୁ ଦୁଇ ଦିନ ହିସାବରେ ମାସକୁ ୮ଟି ଅଣ୍ଡା ପିଲାଙ୍କୁ ମିଳୁଥିବା ବେଳେ ଆନ୍ଧ୍ର ତା'ର ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେହ ପିଲାଙ୍କୁ ଗୋଟିଏ ଲେଖାଏ ଅଣ୍ଡା ଓ ୨୦୦ ମିଲି ଗ୍ରାମ କ୍ଷୀର ଦେବା ବ୍ୟବସ୍ଥା କରିଛି।

ଆନ୍ଧ୍ର ସରକାରଙ୍କ ବିଦ୍ୟାଳୟରେ ଶ୍ରେଣୀ ଅନୁପାତରେ ଶିକ୍ଷକ, ବିଦ୍ୟାଳୟ ନ ଥିଲେ ଗ୍ରାମପିଛା ବର୍ଷିକିଆ ଶିକ୍ଷକ ନିଯୁକ୍ତି, ପିଲାଙ୍କ ନାମଲେଖା ମାତ୍ରେ ମା'ଙ୍କ ବ୍ୟାଙ୍କ ଖାତାରେ ଆମ୍ମାଭୋଡି ଯୋଜନାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ୧୫ ହଜାର ଟଙ୍କା ଓ ଭାସତି ଦେଭେନା ଯୋଜନାରେ ବାର୍ଷିକ ୨୦ ହଜାର ଟଙ୍କା ପ୍ରଥମରୁ ଦ୍ୱାଦଶ ଶ୍ରେଣୀଯାଏ ପ୍ରଦାନ କରୁଛି। ଏନେଇ ନନ୍ଦପୁର ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା ଓ ସିଡିପିଓ ମିନତିବାଳା ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସୀମାନ୍ତ ୭ ପଞ୍ଚାୟତ ସହ ବ୍ଲକ ଅଧୀନରେ ଥିବା ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକର ଦୂରବସ୍ଥା ସମ୍ପର୍କରେ ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ରାସ୍ତା କଡ଼ରୁ ହଟିବ ଦୋକାନ

ଚନ୍ଦ୍ରପୁର,୧୬।୭ (ବିଜୟ ପ୍ରସାଦ ଉଲ୍ଲାକା)- ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସର ଏବଂ ବସ୍‌ଷ୍ଟାଣ୍ଡ ରାସ୍ତା କଡ଼କୁ ଲାଗି ରହିଥିବା ଦୋକାନ ଗୃହ ଉଚ୍ଛେଦ ପାଇଁ ବ୍ଲକ ପ୍ରଶାସନ ପଦକ୍ଷେପ ନେଇଛନ୍ତି। ଅଧିକାଂଶ ସମୟରେ ଏହି ଦୋକାନଗୁଡ଼ିକ ସମ୍ମୁଖରେ ଭିଡ଼ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଟ୍ରାଫିକ୍ ସମସ୍ୟା ରୋକିବାସହ ଦୁର୍ଘଟଣାକୁ ଏଡାଇବା ଏଭଳି, ନିଷ୍ପତି ନିଆଯାଇଥିବା ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଉଠା ଦୋକାନୀମାନଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି କି ବୋଲି ତହସିଲଦାରଙ୍କୁ ପଚାରିବାରୁ ପୂର୍ବରୁ ୨ ଥର ନୋଟିସ କରଯାଇ ସୂଚନା ଦିଆଯାଇଛି ବୋଲି ସେ କହିଥିଲେ। ଏଥିସହ ଜୁଲାଇ ୧୮ ତାରିଖରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଏସ୍‌ଡିପିଓଙ୍କ ବଦଳିକୁ ନେଇ ଅସନ୍ତୋଷ

ମୁନିଗୁଡ଼ା, ୧୬।୭(ରାଧେଶ୍ୟାମ ଅଗ୍ରୱାଲ)- ରାୟଗଡ଼ା ଜିଲାର ଗଞ୍ଜେଇ ଗଡ ଭାବେ ପରିଚିତ ମୁନିଗୁଡ଼ା, ଚନ୍ଦ୍ରପୁର ଓ ବିଷମକଟକ ଥାନା ଅଞ୍ଚଳରେ ଗଞ୍ଜେଇ ମାଫିଆଙ୍କ ନିଦ ହଜାଇ ଦେଇଥିବା ଏସଡିପିଓ ଆକାଶ ସାହୁଙ୍କ ବଦଳିରେ ମୁନିଗୁଡ଼ା ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ଶୁକ୍ରବାର ଏସଡିପିଓ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଥିବାବେଳେ ବଦଳି ତାଲିକାରେ ବିଷମକଟକ ଏସଡିପିଓ ସାହୁଙ୍କୁ ଏସଓଜିର ଡେପୁଟି ଆରକ୍ଷୀ ଅଧିକ୍ଷକ ଭାବେ ଭୁବନେଶ୍ୱର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁର ଆଇୟୁସିଏଡବ୍ଲୁର ଡିଏସପି ସନ୍ତୋଷିନୀ ଓରାମଙ୍କୁ ବିଷମକଟକ ଏସଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ମୁନିଗୁଡାରେ ଅବସ୍ଥାପିତ ଏସଡିପିଓ ସାହୁ ତାଙ୍କର ୩ବର୍ଷର ପୋଲିସ ପ୍ରଶାସକର କାର୍ଯ୍ୟକାଳରେ ଏହି ୩ଟି ବ୍ଲକରେ ଗଞ୍ଜେଇ ଚାଷ, ବେପାର ଓ ଚାଲାଣ ରୋକିବାରେ ବେଶ୍ ସଫଳ ହୋଇଥିଲେ। ଏବେ ସେଭଳି ପୋଲିସ ପ୍ରଶାସକ ନ ମିଳିଲେ ପୁଣି ଗଞ୍ଜେଇ ଗଡରେ ଆନ୍ତରାଜ୍ୟ ମାଫିଆମାନଙ୍କ ଖେଳ ଆରମ୍ଭ ହୋଇଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ୨୨୦ ଜଣଙ୍କ ଚକ୍ଷୁ ପରୀକ୍ଷା



ବିଷମକଟକ, ୧୬।୭(ବିଭୂତି ଭୂଷଣ ନାୟକ)- ରାୟଗଡା ଜିଲା ବିଷମକଟକରେ ରବିବାର ଗୁଣୁପୁର ନିର୍ବାଣ ଟ୍ରଷ୍ଟ ଏବଂ ହିଞ୍ଜିଲିକାଟୁ ସମରଝୋଲସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ପରଳ (ମୋତିଆବିନ୍ଦୁ) ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଖିଳ ଭାରତ ସନ୍ଥ ସମିତି ଓଡିଶା ସଙ୍ଗଠନର ମନ୍ତ୍ରୀ ସ୍ୱାମୀ ନିର୍ବାଣାନନ୍ଦ ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ଡି. ଶିବପ୍ରସାଦ, ସମ୍ମାନିତ ଅତିଥି ରୂପେ ଉପାଧକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଅନିଲ ସାହୁ, ଡି.ଆମର ପ୍ରସଦଙ୍କ ସହ ବିଷମକଟକ ବଜରଙ୍ଗ ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିବିରରେ ୨୨୦ ଜଣଙ୍କ ସମସ୍ତ ପ୍ରକାର ଚକ୍ଷୁ ପରୀକ୍ଷା ମାଗଣାରେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୬୦ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ରୂପେ ଚିହ୍ନଟ କରାଯାଇଥିଲା। ୬୦ ଜଣଙ୍କ ମାଗଣା ଅସ୍ତ୍ରୋପଚାର କରାଯାଇଥିବା ବେଳେ ୨୧ ଜଣଙ୍କ ରେଟିନା ପରୀକ୍ଷା କରାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ସାଗର ପୃଷ୍ଟି, ସୁକେଶ ପାଣିଗ୍ରାହୀ, ମୁକେଶ ପାଣିଗ୍ରାହୀ , ଅନୱର ଅଲି ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ପାଢୀ ଶିବିର ପରିଚାଳନା କରିଥିଲେ।

# ଝୁଲା ପୋଲରେ ପର୍ଯ୍ୟଟକ

## ମାନୁନାହାନ୍ତି କଟକଣା

■ ଅସୁରକ୍ଷିତ ଅବସ୍ଥାରେ ପୋଲ
■ ବନ୍ଦ ଘୋଷଣା କରି ଚୁପ୍ ପ୍ରଶାସନ

ରାୟଗଡ଼ା,୧୬।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରଠାରୁ ମାତ୍ର ୩ କି.ମି. ଦୂରରେ ନାଗାବଳୀ ନଦୀ ଉପରେ ରହିଛି ଓଡ଼ିଶାର ପ୍ରସିଦ୍ଧ ଦ୍ୱିତୀୟ ଝୁଲା ପୋଲ। ମାତ୍ର ଏହି ପୋଲଟି ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇ ନିଷିଦ୍ଧାଞ୍ଚଳ ରୂପେ ଘୋଷଣା କରାଯାଇଛି। ହେଲେ ସ୍ଥାନୀୟ ଲୋକେ ଏବଂ ପର୍ଯ୍ୟଟକ ପ୍ରଶାସନର କଟକଣାକୁ ଖାତିର ନ କରି ପୋଲ ଉପରେ ଚଢ଼ି ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଛୁଟିଦିନ ଏବଂ ରବିବାର ସେଠାରେ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଝୁଲା ପୋଲର ଦୁଇ ପାର୍ଶ୍ୱରୁ ବନ୍ଦ ରହିଥିଲେ ମଧ ରବିବାର ପ୍ରାୟ ୩୦ରୁ ଅଧିକ ପର୍ଯ୍ୟଟକ ଲୁହାଛଡ଼ ଉପରେ ଚଢ଼ି ଭିତରକୁ ଯାଇ ଫଟୋ ଉଠାଉଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ସେଠାରୁ ଘଉଡ଼ାଇଥିଲା।

ପ୍ରକାଶ ଥାଉକି, ୨୦୧୧ ମସିହାରେ ରାୟଗଡ଼ା ସହର ନିକଟସ୍ଥ ଚେକାଗୁଡ଼ା ଓ ମାରିଗୁଡ଼ା ଦୁଇଟି ଗାଁର ସଂଯୋଗର ମାଧ୍ୟମ ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନାଗାବଳୀ ନଦୀ ଉପରେ ନିର୍ମାଣ ହୋଇଥିଲା ଏହି ଝୁଲା ପୋଲ । ପରବର୍ତ୍ତୀ ସମୟରେ ଏହା ୨୫ ଖଣ୍ଡ ଗାଁକୁ ରାୟଗଡ଼ା ସହ ସଂଯୋଗ କରିଥିଲା । ହେଲେ ଓଡ଼ିଶାର ଏହି ଦ୍ୱିତୀୟ ଝୁଲାପୋଲ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଝୁଲାପୋଲରେ କେଉଁଠାରେ ଫ୍ଲିପପେଟ ନଟ୍ ଖସି ଗଲାଣି ତ ଆଉ କେଉଁଠି କଳଙ୍କି ଲାଗି ନଷ୍ଟ ହେବାକୁ ଗଲାଣି । ଫଳରେ ଜୀବନ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ୨୦୨୨ ସେପ୍ଟେମ୍ବର ୨୫ରେ ଝୁଲା ପୋଲକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଦେଇଥିଲା । ତେବେ ପର୍ଯ୍ୟଟକ କଟକଣାକୁ ନ ମାନି ପୋଲ ଉପରକୁ ଯାଇ ବୁଲାବୁଲି କରିବା ସହ ପୋଲ ତଳକୁ ଯାଇ ନଦୀ ନିକଟରେ ସେଲଫି ଉଠାଇବା, ନଦୀରେ ଗାଧୋଇବା ଭଳି କାର୍ଯ୍ୟ ଦେଖିବାକୁ ମିଳୁଛି। ବ୍ରହ୍ମପୁର, ଭୁବନେଶ୍ୱର, ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ କର୍ନାଟକରୁ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସୁଛନ୍ତି। ତେବେ ୨୦୨୨ ସୁଦ୍ଧା ଝୁଲା ପୋଲ ବୁଲିବାକୁ ଆସି ନାଗାବଳୀ ନଦୀରେ ପ୍ରାୟ ୨୭ରୁ ଊର୍ଦ୍ଧ୍ୱ ଜୀବନ



ଝୁଲା ପୋଲରେ ଅସୁରକ୍ଷିତ ଭାବେ ବୁଲୁଛନ୍ତି ପର୍ଯ୍ୟଟକ।

ଚାଲିଯାଇଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ମଧ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଝୁଲାପୋଲ ନିକଟରେ ପ୍ରଶାସନ ପକ୍ଷରୁ ଲାଗିଥିବା ନିଷିଦ୍ଧଫଳକ ପଢ଼ି ଫେରିଯିବା ବଦଳରେ ପର୍ଯ୍ୟଟକମାନେ ବାରମ୍ୱାର ଝୁଲା ପୋଲ ମଧ୍ୟକୁ ଏବଂ ନଦୀ ଗର୍ଭକୁ ଯାଉଛନ୍ତି । ତେଣୁ ଏଠାରେ କୌଣସି ମୁହୂର୍ତ୍ତରେ ପୁଣି ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ଦିଗରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ସେହିପରି ସୁରକ୍ଷା ଦୃଷ୍ଟିରୁ ସେପ୍ଟେମ୍ବର ମାସରେ ଝୁଲାପୋଲର ଉଭୟ ପାର୍ଶ୍ୱରେ ଲୁହାବାଡ଼ ବାନ୍ଧି ରାସ୍ତା ବନ୍ଦ କରାଯିବା ସହ ନଦୀକୁ ନ ଯିବା ପାଇଁ ଚାରିପାର୍ଶ୍ୱରେ ତାରବାଡ଼ ଦିଆଯାଇଥିଲା । ତେବେ ଦୁର୍ବୃତ୍ତମାନେ ତାରବାଡ଼ ଭାଙ୍ଗି ଦେଇଥିଲେ। ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଥିବାରୁ ଏଠାରେ ଓଡ଼ିଆ ଓ ଇଂଲିଶ ବ୍ୟତୀତ ତେଲୁଗୁ ଭାଷାରେ ମଧ ସୂଚନା ଫଳକ ଲଗାଯାଇଥିଲା । ହେଲେ ଉକ୍ତ ଫଳକକୁ କେହି ଉପାଡ଼ି ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଛି । ପ୍ରଶାସନର ଦୂରଦୃଷ୍ଟି ଏବଂ ଆନ୍ତରିକତା ଅଭାବରୁ ଏହା ଡେଥ୍‌ଜୋନରେ ପରିଣତ ହୋଇଥିଲା । ତେଣୁ ପ୍ରଶାସନ କେବଳ ପୋଲକୁ ଘୋଷଣାରେ ବନ୍ଦ ନ କରି ପର୍ଯ୍ୟଟକ ଯେପରି ଏଠାକୁ ନ ଆସିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡା,୧୬।୭(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଏସଡ଼ିଜେଏମ୍ ଏକ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତ ରବିଶଙ୍କର ମହାନନ୍ଦିଆଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି ଏସଡ଼ିଜେଏମ୍ ବର୍ଷା ଦାସ ରାୟ ଶୁଣାଇଛନ୍ତି । ସୂଚନାଯୋଗ୍ୟ ଯେ, ୧୪ ମାର୍ଚ୍ଚ ୨୦୧୭ରେ ୨ ଦୁର୍ବୃତ୍ତ ଜଣକ ଘର ତାଲା ଭାଙ୍ଗି ଚୋରି କରିଥିଲେ। ପରେ ଘର ମାଲିକ ଏ ନେଇ ରାୟଗଡା ଟାଉନ ଥାନାରେ କେଶ ନମ୍ବର ୫୩/୧୭ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ରବି ମହାନନ୍ଦିଆ ଦୋଷୀ ପ୍ରମାଣିତ ହୋଇଥିବାବେଳେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ପ୍ରକାଶ ଖରା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ରବିଶଙ୍କର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସରକାରଙ୍କ ତରଫରୁ ସଚିଦାନନ୍ଦ ଖାଡ଼ଙ୍ଗା ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଟୁଟୁ ଦାସ ମାମଲା ପରିଚାଳନା କରିଥିଲେ।

## ସାକ୍ରେଡ଼ ହାର୍ଟ ସ୍କୁଲରେ ଆଥ୍‌ଲେଟିକ୍ ମିଟ୍



ଆଥ୍‌ଲେଟିକ୍ ମିଟ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

ରାୟଗଡ଼ା,୧୬।୭ (ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ସାକ୍ରେଡ଼ ହାର୍ଟ ଇଂଲିଶ ମିଡିୟମ ସ୍କୁଲରେ ୨୦୨୩-୨୪ ବର୍ଷର ଆଥଲେଟିକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜୋନର ସର୍ବାଧିକ ୭ଟି ସ୍କୁଲ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନ୍ୟୁ ଲାଇଫ ସ୍କୁଲ ଅଧ୍ୟକ୍ଷ ମଳୟ ବେନିଆ, ସାକ୍ରେଡ଼ ହାର୍ଟ ସ୍କୁଲ ଅଧ୍ୟକ୍ଷ, ଦୀପ୍ତି କନଭେଣ୍ଟ ସ୍କୁଲ ଅଧ୍ୟକ୍ଷା, ଡନ୍ ବସ୍କୋ ସ୍କୁଲ ଅଧ୍ୟକ୍ଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାକ୍ରେଡ଼ ହାର୍ଟ ସ୍କୁଲ, ବିଷମକଟକର ନ୍ୟୁ ଲାଇଫ ଇଂଲିଶ ମିଡ଼ିୟମ ସ୍କୁଲ, ମୁନିଗୁଡ଼ାର ଡନ୍ ବସ୍କୋ ସ୍କୁଲ, ଭବାନୀପାଟଣାର ବିମଳା କନଭେଣ୍ଟ ସ୍କୁଲ, ରାୟଗଡ଼ାର ଦୀପ୍ତି କନଭେଣ୍ଟ ସ୍କୁଲ, ନୂଆପଡ଼ା ଜିଲା ଖରିଆର ରୋଡ଼ର ନବଜ୍ୟୋତି ସ୍କୁଲ ଏବଂ କୋରାପୁଟ ଜିଲା ସେମିଳିଗୁଡ଼ାର ଜୀବନଜ୍ୟୋତି ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମି, ୨୦୦ମି, ୪୦୦ମି, ୬୦୦ମି, ୮୦୦ମି ଓ ୧୫୦୦ମି ଦୌଡ଼ ପ୍ରତିଯୋଗିତା, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ୍, ଡିସ୍କ ଥ୍ରୋ ଓ ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଆଇସିଏସଇ ରିଜିଓନାଲ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି । ଏହି ସମସ୍ତ କାର୍ଯ୍ୟକୁ ସନ୍ତୋଷ କୁମାର ବ୍ରହ୍ମା ସୁଚାରୁ ରୂପେ ପରିଚାଳନା କରିଥିଲେ। ଏଥିରେ ସାକ୍ରେଡ୍ ହାର୍ଟ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।

## ମହିଳାଙ୍କ ଅଜାଣତରେ ଠକି ନେଲେ ୩ ଲକ୍ଷ

ଦଶମନ୍ତପୁର, ୧୬।୭ (ଅରବିନ୍ଦ ନାୟକ)

ମାଇକ୍ରୋ ଫାଇନାନ୍ସରୁ ଋଣ କରାଇଦେବା ଆଳରେ କୋରାପୁଟ ଜିଲା ଦଶମନ୍ତପୁରରେ ମହିଳାମାନଙ୍କଠାରୁ ୩ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏନେଇ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଦଶମନ୍ତପୁର ବ୍ଲକର ପାଇକ ଫୁଲବେଡ଼ା ପଞ୍ଚାୟତ ପଣ୍ଡସ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳାଙ୍କୁ ଗତ ୯ ମାସ ତଳେ ମାଇକ୍ରୋ ଫାଇନାନ୍ସରୁ ଋଣ କରିଦେବାକୁ କମ୍ପାନୀ ଶାଖା ପରିଚାଳକ ଗଗନ ସ୍ୱାଇଁ ଏବଂ ମରାଡ ଗ୍ରାମର କରଫୁଲ ହରିଜନ ପଣ୍ଡସ ଗ୍ରାମକୁ ଯାଇ ବୈଠକ କରିଥିଲେ। ପରେ ମୁଣ୍ଡ ପିଛା ୩୦ ହଜାର ଟଙ୍କା ଲେଖାଏ ଋଣ କରିବାକୁ ସେମାନଙ୍କଠାରୁ ଆଙ୍ଗୁଠି ଚିହ୍ନ, ଆଧାର କାର୍ଡ ସହ ଅନ୍ୟାନ୍ୟ କାଗଜପତ୍ର ନେଇଥିଲେ। ପରେ ମହିଳାମାନଙ୍କ ନାମରେ ମାଇକ୍ରୋ ଫାଇନାନରୁ ୩୦ ହଜାର ଟଙ୍କା ଲେଖାଏ ଋଣ ହୋଇଥିଲା। ମାତ୍ର ଏହା ସମ୍ପୃକ୍ତ ମହିଳାମାନଙ୍କ ନାମରେ ହୋଇଥିବା ନେଇ ସେମାନଙ୍କୁ ଜଣାଇ ନ ଥିଲେ। ସମ୍ପୃକ୍ତ ମହିଳାମାନଙ୍କ ଅଜାଣତରେ ଏଟିଏମ କାର୍ଡ କରିନେଇ ଟଙ୍କା ଉଠାଇ ନେଇ ଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

## ରେଳ ବିଭାଗର ଜମି ଉଚ୍ଛେଦ ନେଇ ନୋଟିସ୍

ଗୁଣପୁର, ୧୬।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସହରରେ ଥିବା ରେଳ ବିଭାଗର ଜମିରୁ ଜବର ଦଖଲ ଉଚ୍ଛେଦ ନେଇ ବିଭାଗ ପକ୍ଷରୁ ଶୁକ୍ରବାର ନୋଟିସ ଜାରି କରାଯାଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେମାନେ ବର୍ଷା ଦିନେ କୁଆଡେ ଯିବେ ତାକୁ ନେଇ ଚିନ୍ତାରେ ପଡି ଯାଇଛନ୍ତି । ବିଭିନ୍ନ ସମୟରେ ଜବର ଦଖଲକାରୀଙ୍କୁ ସ୍ଥାନ ଖାଲି କରିବାକୁ କୁହାଯାଇଥିଲେ ମଧ ସେମାନେ ସ୍ଥାନ ଖାଲି କରୁନାହାନ୍ତି। ତେଣୁ ଆସନ୍ତା ୭ ଦିନ ଭିତରେ ସ୍ଥାନ ଖାଲି ନ କଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଥାଉକି, ଦୀର୍ଘ ଦଶନ୍ଧି ଧରି ଡେପ ଅଞ୍ଚଳରେ ଲୋକମାନେ କୁଡିଆ, ଟିଣ ଛପର ଘର କରି ରହି ଆସୁଥିଲେ। ଏଥିମଧ୍ୟରେ ରାଜ୍ୟ ସରକାର ଜାଗା ମିଶନରେ ଲୋକମାନଙ୍କୁ ପ୍ରମାଣପତ୍ର ଦେବା ସହ କେତେକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଧ ଯୋଗେଇଛନ୍ତି। କିଛି ଲୋକ ଘର ତିଆରି କରିଥିବାବେଳେ ଆଉ କେତେକଙ୍କ ଘର ଅଧାପନ୍ତରିଆ ରହିଛି। ଏପିରି ଘଟଣାକ୍ରମ ମଧ୍ୟରେ ରେଳ ବିଭାଗ ପ୍ରଥମ ପର୍ଯ୍ୟାୟରେ ୨୧ ଏବଂ ୨ୟ ପର୍ଯ୍ୟାୟରେ ୧୫୭ଜଣ ଜବରଦଖଲ କରିଥିବା କହିଥିଲେ। ରେଳ ବିଭାଗର କର୍ମଚାରୀମାନେ ଆସି ଘର ନିର୍ମାଣ କାର୍ଯ୍ୟକୁ ମଧ ଅଟକାଇ ଥିଲେ। ଯଦି ରେଳ ବିଭାଗର ଏହି ଜମି ଥିଲା, ତେବେ ରାଜ୍ୟ ସରକାର ଜାଗା ମିଶନରେ ପ୍ରମାଣପତ୍ର ଦେବା ସହ କିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଲେ ବୋଲି କହି ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲା ଜଟିଳ ହେଉଥିବା ଦେଖି ଗତ ଜାନୁୟାରୀ ମାସରେ ପୌର ପରିଷଦର ତତ୍କାଳୀନ ନିର୍ବାହି ଅଧିକାରି ପ୍ରଭାତୀ ଝୋଡିଆ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଧିକାରଙ୍କ ପ୍ରତିଶ୍ରୁତି ଶୀତଳଭଣ୍ଡାରରେ ରହିଥିବାବେଳେ ରେଳ ବିଭାଗ ପକ୍ଷରୁ ପୁଣି ଥରେ ଉଚ୍ଛେଦ ପାଇଁ ନୋଟିସ କରାଯିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି।

## ୯ କି.ମି. ରାସ୍ତା ନିର୍ମାଣକୁ ଲାଗିଲାଣି ୩ ବର୍ଷ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଡଙ୍ଗରିଆ ସମ୍ପ୍ରଦାୟ

ବିଷମକଟକ, ୧୬।୭(ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ବ୍ଲକ କୁଲି ପଞ୍ଚାୟତର ନିୟମଗିରି ପର୍ବତ ଶିଖରରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ ସମ୍ପ୍ରଦାୟର ବିକାଶ ଲାଗି ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କ ଉନ୍ନତି କାଗଜକଲମରେ ସୀମିତ ରହିଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ଧରି ରାସ୍ତା କାମ ଚାଲିଥିଲେ ମଧ ୩ ବର୍ଷ ହେଲା ଅଧପନ୍ତରିଆ ହୋଇ ପଡିଥିବାରୁ ସେମାନେ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଭେଟି ନିଜର ସମସ୍ୟା ଜଣାଇଛନ୍ତି ଡଙ୍ଗରିଆ ଅଧିବାସୀ।



ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଉଛନ୍ତି ଡଙ୍ଗରିଆ ଅଧିବାସୀ।

ଅତିରିକ୍ତ ଜିଲାପାଳ ବେହେରା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଖବରରୁ ଜଣାପଡିଛି, ୨୦୨୧ରେ କୁଲି ପଞ୍ଚାୟତର ଚାଟିକଣାଠାରୁ ଜାଙ୍ଗଝୋ ଗ୍ରାମ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୯.୯୦ କିମି ରାସ୍ତା ନିର୍ମାଣ ପାଇଁ ୫୮୯.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ୨୦୨୨ ମେ ମାସରେ ଏହି କାର୍ଯ୍ୟ ସରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାମ ଆରମ୍ଭ ହୋଇ ଏବେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନି। ଫଳରେ ଜାଙ୍ଗଝୋ ଆର୍ଟାକାଣି, ପାତାଲାମ୍ବା, ବାର୍ମାସାର, କୁଟିପଦର ଓ ରାଇଲିମା ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ଜରୁରୀକାଳୀନ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶେଷରେ ଅଞ୍ଚଳବାସୀ ଶନିବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ ବୋଲି କହିଛନ୍ତି କୁଲି ସରପଞ୍ଚ ସୁଭାଗିନୀ ୱା । ଏଥିପ୍ରତି ଦୃଷ୍ଟି ଦେଇ ବିଭାଗ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୁଣପୁର, ୧୬।୭(ପ୍ରଦୀପ କୁମାର ପାଢ଼ୀ)

ଗୁଣୁପୁର କଲେଜଠାରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ରବିବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଅତିରିକ୍ତ ଜିଲା ଜଜ ଶେଖ ମହମ୍ମଦ କ୍ୱାଇସି, ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦେବାନ ସତ୍ୟଦର୍ଶୀ ନନ୍ଦ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ, ଓକିଲ ସଂଘର ସଭାପତି ଉମା ଚରଣ ପଟ୍ଟନାୟକ ଏବଂ ମହାବିଦ୍ୟାଳୟର ଅଧ ପ୍ରାଧ୍ୟାପକ ଶଶୀଭୂଷଣ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଜୁଭେନାଲ ଜଷ୍ଟିସ ଆଇନ, ଭାରତୀୟ ଦଣ୍ଡ ସଂହିତା, ସମସ୍ତ ଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ କୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଡ଼କ୍ଟର ସୂର୍ଯ୍ୟ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## 'ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କ ଭାଗୀଦାରିତା' ଶୀର୍ଷକ କର୍ମଶାଳା

ରାୟଗଡା,୧୬।୭(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ବ୍ଲକ ଅଧୀନ ଅନୁସୂଚିତ ଜନଜାତି, ଜାତି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଅତଡ଼ା ଉଚ୍ଚ ବିଦ୍ୟାଳୟରେ 'ଶିକ୍ଷା କ୍ଷେତ୍ରରେ ଅଭିଭାବକମାନଙ୍କର ଭାଗିଦାରିତା' ଶୀର୍ଷକ ଏକ ଦିନିକିଆ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ଲକର ୧୧ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ମେଟ୍ରନ, ସେବାୟତ, ଏଏନଏମ ମା'ଙ୍କ ସହିତ ଅତଡ଼ା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତ୍ରିଲୋଚନ ମାଣ୍ଡାଙ୍ଗି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ବିଦ୍ୟାର୍ଥୀଙ୍କ ଶିକ୍ଷାରେ ଅଭିଭାବକମାନଙ୍କର ଭାଗୀଦାରିତା କିଭଳି ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ମଧ୍ୟରେ ପରସ୍ପର ସୁସମ୍ପର୍କ, ଅଧ୍ୟୟନ କରୁଥିବା ଶିଶୁମାନଙ୍କ ପରିବାରମାନଙ୍କୁ ସୁଦୃଢ଼ କରିବା ସହ ଶିକ୍ଷା କ୍ଷେତ୍ରରେ ଶିଶୁମାନଙ୍କର ବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥିତି, ପ୍ରଗତି ଓ ସଫଳତାକୁ ମଜଭୁତ କରିବା ସହ ଅଭିଭାବକମାନଙ୍କ ଦକ୍ଷତା, ଆତ୍ମବିଶ୍ୱାସକୁ ସୁଦୃଢ଼ କରେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଉପସ୍ଥିତ ବିଲେଶୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାଡି ଶ୍ରୀନିବାସ ଓ କେରଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଟା ତିରୁପତି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାକୁ ବିଦ୍ୟାଳୟର ଶିକ୍ଷକ ଅନଙ୍ଗ ଦେବ ବିଡ଼ିକା ଓ ବିମଳ ରାଇକା ବିଦ୍ୟାଳୟ ସ୍ତରରେ ଏହି କାର୍ଯ୍ୟକ୍ରମକୁ କିଭଳି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଅବଗତ କରିଥିଲେ।



ବୈଠକରେ ମଞ୍ଚାସୀନ ପ୍ରଧାନଶିକ୍ଷକ ଓ ଅନ୍ୟମାନେ।

## ଜବରଦଖଲ ଉଚ୍ଛେଦ କଲା ପୌର ପରିଷଦ

### ଅଧ ଏକର ଜମିରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ

ରାୟଗଡା,୧୬।୭(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ପୌର ପରିଷଦ ପକ୍ଷରୁ ରବିବାର ସହରର ଅଶୋକ ଟକିଜ ଛକ କଲେଜ ରୋଡ଼ରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଅତିରିକ୍ତ ତହସିଲଦାର ପର୍ଶୁରାମ ବାତ୍ରାଙ୍କ ଉପସ୍ଥିତିରେ ଜେସିବି ସାହାଯ୍ୟରେ ୩ଟି ଦୋକାନ ଗୃହକୁ ଭଙ୍ଗା ଯାଇଥିବାବେଳେ ଆଗକୁ ଆହୁରି ୨୦ଟି ଦୋକାନଘର ଭଙ୍ଗାଯିବ ବୋଲି ଜଣାପଡ଼ିଛି। ଉକ୍ତ ଅଧ ଏକର ଜମିରେ ପୌର ପରିଷଦ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାର ଯୋଜନା ରହିଛି । ଦୋକାନରୁ ଜିନିଷପତ୍ର କାଢ଼ିବା ପାଇଁ ସମୟ ମାଗିଥିବା ପୌର ପରିଷଦ ପକ୍ଷରୁ ସେମାନଙ୍କୁ ୭ ଦିନ ସମୟ ଦିଆଯାଇଥିବା ଜଣାପଡ଼ିଛି। ୭ ଦିନ ପରେ ଅନ୍ୟସବୁ ଦୋକାନ ଘର ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ରବିବାର ୩ଟି ଦୋକାନ ଗୃହ ଉଚ୍ଛେଦ ହୋଇଥିବାବେଳେ ଜଣେ ପରିବା ବ୍ୟବସାୟୀ ଜି.ସାମସାତ ବେଗମ କହିଛନ୍ତି, ଏଠାରେ ଆମେ ୨୫ ବର୍ଷ ଧରି ବ୍ୟବସାୟ କରୁଥିଲୁ। ପୌର କର୍ତ୍ତୃପକ୍ଷ ଆମକୁ ସମୟ ନ ଦେଇ ଦୋକାନ ଘରକୁ ଭାଙ୍ଗି ଦେଇଛନ୍ତି । ବର୍ତ୍ତମାନ ଛୋଟ ଛୁଆଙ୍କୁ ନେଇ ଆମେ କେଉଁଆଡେ ଯିବୁ ବୋଲି କହିଛନ୍ତି । ଉଚ୍ଛେଦ ପରେ ସେମାନଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ରାୟଗଡା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦ କହିଛନ୍ତି, ରବିବାର ୩ ଦୋକାନ ଗୃହ ଭଙ୍ଗାଯାଇଛି, ଆଗାମୀ ଦିନରେ ଆହୁରି ଦୋକାନଗୃହ ଭଙ୍ଗାଯିବ ଏବଂ ଉକ୍ତ ଅଞ୍ଚଳରେ ପୌର ପରିଷଦର ଉନ୍ନୟନ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ତେବେ ଦୋକାନ ଗୃହ ଉଚ୍ଛେଦ ପାଇଁ ଗତ ୨୮ ତାରିଖରୁ ନୋଟିସେ ଦିଆଯାଇଥିଲା। ପୁଣି ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ୭ଦିନ ସମୟ ଦିଆଯାଇଥିବା କହିଛନ୍ତି। ପୂର୍ବରୁ କସ୍ତୁରୀ ନଗରଠାରେ କରାଯାଇ ଥିବା ଭେଣ୍ଡିଂ ଜୋନ୍ ଏବେ ଅବ୍ୟବହୃତ ଭାବେ ପଡ଼ିରହିଛି । ଏବେ ପୁଣି ନୂତନ ମାର୍କେଟ ବିଲଡିଂ କରାଯିବ ବୋଲି ଲୋକଙ୍କୁ ଉଚ୍ଛେଦ କରାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କେତେ କାର୍ଯ୍ୟକାରୀ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି ।




ଜେସିବି ମେଶିନ୍ ସାହାଯ୍ୟରେ ଦୋକାନଗୃହ ଉଚ୍ଛେଦ କରାଯାଉଛି ।

# ପୋଡ଼ପାଣି ଜଙ୍ଗଲରେ ହାତୀ

## ୫ ଦିନରେ ଗଲାଣି ୨ ଜୀବନ

ଝରିଗାଁ,୧୬।୭ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଅଞ୍ଚଳରେ ଗତ କିଛି ଦିନ ହେଲା ଜଙ୍ଗଲୀ ହାତୀ ଉପଦ୍ରବ ପରେ ରବିବାର ସକାଳୁ ପାନବେଡା ରିଜର୍ଭ ଜଙ୍ଗଲ ଅନ୍ତର୍ଗତ ଝରିଗାଁ ବ୍ଲକ ପୋଡ଼ପାଣି ଜଙ୍ଗଲରେ ଉକ୍ତ ହାତୀକୁ ଦେଖିବାକୁ ମିଳିଛି । ଜଙ୍ଗଲୀ ହାତୀ ଯୋଗୁ ଝରିଗାଁ ଅଞ୍ଚଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ କର୍ମଚାରୀ ହାତୀକୁ କଳାହାଣ୍ଡି ଜଙ୍ଗଲକୁ ଘଉଡ଼େଇବାକୁ ପ୍ରୟାସ କରି ଗତ ୭ ଦିନ ହେଲାଣି ନାକେଦମ୍ ହୋଇପଡ଼ିଲେଣି।


ପୋଡ଼ପାଣି ଜଙ୍ଗଲରେ ହାତୀ

ହେଲେ ହାତୀଟି ଅଞ୍ଚଳ ଛାଡିବାର ନାଁ ନେଉ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ରବିବାର ସକାଳ ପ୍ରାୟ ୭ଟା ବେଳେ ପୋଡପାଣି ଗ୍ରାମର ଜଗି ସାନ୍ତା ନିକଟସ୍ଥ ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଉଥିବା ସମୟରେ ହାତୀକୁ ଦେଖି ଭୟରେ ଗାଁକୁ ଫେରିଯାଇଥିଲେ। ସେହିପରି ଆଉ ଜଣେ ବ୍ୟକ୍ତି ପୋଡ଼ପାଣି ଗାଁ ନିକଟରେ ଥିବା ମକା ଜମିକୁ ସାର ପକାଇବା ପାଇଁ ଯିବା ସମୟରେ ହାତୀକୁ ଦେଖି ବନ କର୍ମଚାରୀଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ଝରିଗାଁ ଡେପୁଟି ରେଞ୍ଜର ଗୋବିନ୍ଦ ନାଏକ, ଫରେଷ୍ଟର ଟି.କେ. ପରିଚ୍ଛା, ଗୁପ୍ତପ୍ରସାଦ ମହାନ୍ତି, ବିଷ୍ଣୁ ବିଶୋଇ, କୃଷ୍ଣ ଚନ୍ଦ୍ର ବିଶୋଇ, ରାଜୁ ମଣ୍ଡଳ, ଏମ.ବାବାଜୀ ରାଓ, ୱାଇଲ୍ଡ ଲାଇଫର ଏମ.ମନୋଜ ଏବଂ ୱାଇଲ୍ଡ ଲାଇଫର ସମସ୍ତ ଟିମ ଜଙ୍ଗଲରେ ହାତୀକୁ ନଜର ରଖିଛନ୍ତି । ହାତୀ ଯେପରି ଗାଁ ଭିତରକୁ ପ୍ରବଶ ନ କରିବ ସେଥିପ୍ରତି ଧ୍ୟାନ ଦେଉଛନ୍ତି । ସେହିପରି ଲୋକଙ୍କୁ ମଧ ଜଙ୍ଗଲ ଭିତରକୁ ନ ଯିବା ପାଇଁ ବନ କର୍ମଚାରୀମାନେ ସତର୍କ କରିଛନ୍ତି। ତେବେ ହାତୀଟି ଦିନରେ ଜଙ୍ଗଲ ମଧ୍ୟରେ ଲୁଚି ରହୁଥିବା ବେଳେ ସନ୍ଧ୍ୟା ହେଲେ ଗତିପଥ ବଦଳାଉଥିବା ଡେପୁଟି ରେଞ୍ଜର ଗୋବିନ୍ଦ ନାଏକ ପ୍ରକାଶ କରିଛନ୍ତି । ବନବିଭାଗ କର୍ମଚାରୀମାନେ ହାତୀକୁ କଳାହାଣ୍ଡି ଜଙ୍ଗଲକୁ ଘଉଡାଇବା ପାଇଁ ପ୍ରାୟ ୭ ଦିନ ହେଲାଣି ଚେଷ୍ଟା କରି ବିଫଳ ହେଉଥିବା ଜଣାପଡ଼ିଛି।


ଜଙ୍ଗଲରେ ହାତୀର ଗତିପଥକୁ ନଜର ରଖିଛନ୍ତି ବନ ବିଭାଗ ଓ ୱାଇଲ୍ଡ ଲାଇଫ ଟିମ୍।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଝରିଗାଁ,(କିଶୋର ଚନ୍ଦ୍ର ମଣ୍ଡଳ)

ପୋଡପାଣି ଜଙ୍ଗଲରେ ଜଙ୍ଗଲୀ ହାତୀ ରହିଥିବା ବେଳେ ରବିବାର ସନ୍ଧ୍ୟାରେ ହାତୀଟି ଯୋଗିପଦର ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ଗୋଡ଼ରେ ଦଳି ମାରି ଦେଇଥିବା ଜଣାପଡ଼ିଛି। ପ୍ରାପ୍ତ ଖବରରୁ ଜଣାପଡିଛି ଯେ, ଚଚା ଥାଟବେଡା ଗ୍ରାମର ଆସମତୀ ଭତ୍ରା ଏବଂ ତାଙ୍କ ପୁଅ ବୁଦୁ ଭତ୍ରା ଯୋଗୀପଦର ଗ୍ରାମର ଯଦୁ ଭତ୍ରାଙ୍କ ନାତିର ଏକୋଶିଆ ଉତ୍ସବରେ ଯୋଗଦେଇ ସନ୍ଧ୍ୟାରେ ଫେରୁଥିଲେ। ଏହି ସମୟରେ ହାତୀଟି ପଛପଟୁ ଆସି ଆସମତିଙ୍କୁ ଗୋଡରେ ଦଳି ମାରିଦେଇଥିବା ବେଳେ ନିକଟରେ ଥିବା ପୁଅ ବୁଦୁ ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଯାଇ ନିଜ ଜୀବନ ବଞ୍ଚାଇଥିଲେ। ଖବରପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ନବରଙ୍ଗପୁର ଜିଲାରେ ହାତୀ ପ୍ରବେଶ କରି ଛତିଶଗଡ଼ ଓ କଳାହାଣ୍ଡି ଜିଲା ଆଡକୁ ପଳାଉଥିବା ନଜିର ରହିଛି । ତେବେ ଜିଲାରେ ହାତୀ ଆକ୍ରମଣ ଘଟଣା ନ ଥିଲା । ଚଳିତ ବର୍ଷ ଜୁଲାଇ ୧୧ ତାରିଖରେ ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁର ବୃଦ୍ଧ ବୁଦନ ଭତରାକୁ ହାତୀ ଦଳି ମାରିଦେଇଥିବାବେଳେ ରବିବାର ଆଉ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ୫ ଦିନ ମଧ୍ୟରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଲାଣି ।

## ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ନବରଙ୍ଗପୁର,୧୬।୭(ସଦାଶିବ ପ୍ରହରାଜ)

ଉମରକୋଟ ଥାନା ଅନ୍ତର୍ଗତ ବୁରୁଜା ଗ୍ରାମରେ ଜଣେ ଯୁବକ ନିଜ ଜମିରେ ପାଣି ମଡେଇବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ରାମକୃଷ୍ଣ ମାଝୀ (୩୦)। ରାମକୃଷ୍ଣ ରବିବାର ସକାଳେ ୬ ଟାରେ ନିଜ ପୁତୁରା ସହ ଘରଠାରୁ ୧ କି.ମି ଦୂରରେ ଥିବା ନିଜ ଜମିରେ ପାଣି ମଡେଇବା ପାଇଁ ବାହାରିଥିଲେ। ତେବେ କିଛି ସମୟ ପରେ କୋଡ଼ି ଆଣିବା ପାଇଁ ପୁତୁରା ଘରକୁ ଆସିଥିଲେ। କୋଡି ଧରି ସକାଳ ୭ଟା ବେଳେ ଯାଇ ଦେଖିବା ବେଳକୁ ଦାଦା ରାମକୃଷ୍ଣ ଜମି ଭିତରେ ଥିବା ପୋଖରିରେ ବୁଡ଼ି ଯାଇଛନ୍ତି। ପରିବାର ଲୋକେ ଉମରକୋଟ ଥାନାକୁ ଖବର ଦେବା ପରେ ଏଏସଆଇ ଶରତ ଚନ୍ଦ୍ର କୁତ୍ରକା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଉମରକୋଟ ହସ୍ପିଟାଲ ଆଣିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ବୁରୁଯା ଗ୍ରାମରେ ଶୋକାକୁଳ ପରିବେଶରେ ରାମକୃଷ୍ଣଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେଇଥିଲା। ରାମକୃଷ୍ଣଙ୍କ ସାନ ଭାଇ ରାମ କୁମାର ମାଝୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଦୂରଦର୍ଶନ ଓଡ଼ିଆରେ ପ୍ରଦର୍ଶିତ ହେବ 'ଅମାବାସ୍ୟାର ଜହ୍ନ'

ନବରଙ୍ଗପୁର, ୧୬।୭(ସଦାଶିବ ପ୍ରହରାଜ)- ଭବାନୀପାଟଣା ଦୂରଦର୍ଶନ ଆନୁକୂଲ୍ୟରେ ପ୍ରସ୍ତୁତ ଟେଲି ଫିଲ୍ମ 'ଅମାବାସ୍ୟାର ଜହ୍ନ' ସୋମବାର ଏବଂ ମଙ୍ଗଳବାର ପୂର୍ବାହ୍ନ ୧୨ଟାରେ ଦୂରଦର୍ଶନ ଓଡ଼ିଆରେ ପ୍ରଦର୍ଶିତ ହେବ। ନବରଙ୍ଗପୁର ଜିଲାର ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଏହି ଚଳଚ୍ଚିତ୍ରର କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ କରିଛନ୍ତି। ସେହିପରି ବିଭିନ୍ନ ଭୂମିକାରେ କଳାକାର ସଞ୍ଜୀବ ସିଂ, ଦୀନ ଦୟାଲ ଜୈନ, ଲକ୍ଷ୍ମୀ ସିଂ, ପ୍ରକାଶ ବାରିକ ,ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଉଦୟମାନ ଯୁବ କଳାକାର ଉଦିତ ଭାନୁ ବିଷୋୟୀ, ଅଶୋକ ପ୍ରଧାନ ଏବଂ ସମ୍ଭବ ସିଂ ପ୍ରମୁଖ ପ୍ରଥମ ଥର ପାଇଁ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ସୁଯୋଗ ପାଇଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କୁ ଅଭିନୟ କରିବାର ସୁଯୋଗ ଦିଆଯାଇଛି। ଏଥିରେ ବିଭିନ୍ନ ଭୂମିକାରେ ଚୁମୁକି, କାଜଲ, ପ୍ରୀତି , ସୋନା, ବର୍ଷା ଏବଂ ଶ୍ରୁତି ପ୍ରମୁଖ ଅଭିନୟ କରିଛନ୍ତି। ପ୍ରଥମ ଥର ପାଇଁ କୌଣସି ଏକ ଚଳଚ୍ଚିତ୍ରରେ କିନ୍ନର ମାନଙ୍କୁ ଅଭିନୟ କରିବାର ସୁଯୋଗ ଦେଇଥିବାରୁ ଜିଲାର କଳାକାରମାନେ ଟେଲିଫିଲ୍ମ ନିର୍ଦ୍ଦେଶକ ତଥା ଜିଲା କିନ୍ନର ସଙ୍ଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଏହି ଚଳଚ୍ଚିତ୍ର ଜାତୀୟ ଟେଲି ଚଳଚ୍ଚିତ୍ର ଉତ୍ସବରେ ଭାଗ ନେବାର ସମ୍ଭାବନା ଥିବା ଟେଲି ଫିଲ୍ମ ନିର୍ଦ୍ଦେଶକ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସାକ୍ରେଡ୍ ହାର୍ଟ ସ୍କୁଲରେ ଆଥ୍ଲେଟିକ ମିଟ୍

ରାୟଗଡ଼ା,୧୬।୭ (ଆଶିଷ ରଞ୍ଜନ ପଣ୍ଡା)- ସ୍ଥାନୀୟ ସାକ୍ରେଡ୍ ହାର୍ଟ ଇଂଲିଶ ମିଡିୟମ ସ୍କୁଲରେ ୨୦୨୩-୨୪ ବର୍ଷର ଆଥଲେଟିକ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ଜୋନର ସର୍ବାଧିକ ୭ଟି ସ୍କୁଲ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନ୍ୟୁ ଲାଇଫ ସ୍କୁଲ ଅଧକ୍ଷ ମଳୟ ବେନିଆ, ସାକ୍ରେଡ୍ ହାର୍ଟ ସ୍କୁଲ ଅଧକ୍ଷ, ଦୀପ୍ତି କନଭେଣ୍ଟ ସ୍କୁଲ ଅଧକ୍ଷା, ଡନ୍ ବସ୍କୋ ସ୍କୁଲ ଅଧକ୍ଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାକ୍ରେଡ଼ ହାର୍ଟ ସ୍କୁଲ, ବିଷମକଟକର ନ୍ୟୁ ଲାଇଫ ଇଂଲିଶ ମିଡ଼ିୟମ ସ୍କୁଲ, ମୁନିଗୁଡ଼ାର ଡନ୍ ବସ୍କୋ ସ୍କୁଲ, ଭବାନୀପାଟଣାର ବିମଳା କନଭେଣ୍ଟ ସ୍କୁଲ, ରାୟଗଡ଼ାର ଦୀପ୍ତି କନଭେଣ୍ଟ ସ୍କୁଲ, ନୂଆପଡ଼ା ଜିଲା ଖରିଆର ରୋଡ଼ର ନବଜ୍ୟୋତି ସ୍କୁଲ ଏବଂ କୋରାପୁଟ ଜିଲା ସେମିଳିଗୁଡ଼ାର ଜୀବନଜ୍ୟୋତି ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ମି, ୨୦୦ମି, ୪୦୦ମି, ୬୦୦ମି, ୮୦୦ମି ଓ ୧୫୦୦ମି ଦୌଡ଼ ପ୍ରତିଯୋଗିତା, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ୍, ଡିସ୍କ ଥ୍ରୋ ଓ ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଆଇସିଏସଇ ରିଜିଓନାଲ ପ୍ରତିଯୋଗିତାରେ ଭାବ ନେବେ ବୋଲି ଜଣାପଡ଼ିଛି । ଏହି ସମସ୍ତ କାର୍ଯ୍ୟକୁ ସନ୍ତୋଷ କୁମାର ବ୍ରହ୍ମା ସୂଚାରୁ ରୂପେ ପରିଚାଳନା କରିଥିଲେ। ଏଥିରେ ସାକ୍ରେଡ୍ ହାର୍ଟ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷା କର୍ମଚରୀମାନେ ସହଯୋଗ କରିଥିଲେ।

## ପୂଜାରିଗୁଡ଼ା ପ୍ରଧାନ ଶିକ୍ଷକ ନିଲମ୍ବିତ

### ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ

ଉମରକୋଟ ୧୬।୭ (ସନ୍ତୋଷ ଶତପଥୀ)

ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗରେ ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପୂଜାରୀଗୁଡା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ମହାପାତ୍ର ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ନିମ୍ନମାନର ଖାଦ୍ୟ ଦେବା, ପାଣି ସଦୃଶ ଡାଲି ଦେବା, ଛୋଟ ଛୋଟ ପିଲାଙ୍କୁ ଜାଳେଣି କାଠ ଆଣିବା ପାଇଁ ବାହାରକୁ ପଠାଇବା, ସ୍କୁଲ ପରିସର ସଫା ସୁତୁରା ରହୁ ନ ଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଗତ ୧୩ ତାରିଖରେ ଭାମିନି ପଞ୍ଚାୟତର ନାଏବ ସରପଞ୍ଚଙ୍କ କଦୁ ଭତ୍ରାଙ୍କ ନେତୃତ୍ୱରେ ପୂଜାରୀଗୁଡା ଓ ନିକଟସ୍ଥ ଗ୍ରାମର ଶତାଧିକ ଅଭିଭାବକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ମହାପାତ୍ରଙ୍କୁ ଘେରିଥିଲେ ଏବଂ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେଇଥିଲା । ଏହି ଘଟଣାକୁ ଗମ୍ଭିରତାର ସହ ନେଇ ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ଓ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝୀ ପୂଜାରିଗୁଡା ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ତଦନ୍ତରେ ସତ୍ୟତା ମିଳିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରକାର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ମହାପାତ୍ରଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି । ତାଙ୍କୁ ଚଡେଇଗୁଡା ଯୁଜି ଉଚ୍ଚ ବିଦ୍ୟାଳୟରେ ହେଡକ୍ୱାର୍ଟର ଫିକ୍ସ କରାଯାଇଥିବା ବିଇଓ ସରକାର ସୂଚନା ଦେଇଛନ୍ତି।

## ଚୋରି ମାମଲାରେ ୩ ବର୍ଷ ଜେଲଦଣ୍ଡ

ରାୟଗଡା,୧୬।୭(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଏସଡ଼ିଜେଏମ୍ ଏକ ଚୋରି ମାମଲାର ଶୁଣାଣି ଅଭିଯୁକ୍ତ ରବିଶଙ୍କର ମହାନନ୍ଦିଆଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି ଏସଡ଼ିଜେଏମ୍ ବର୍ଷା ଦାସ ରାୟ ଶୁଣାଇଛନ୍ତି ।

ସୂଚନାଯୋଗ୍ୟ ଯେ, ୧୪ ମାର୍ଚ୍ଚ ୨୦୧୭ରେ ୨ ଦୁର୍ବୃତ୍ତ ଜଣକ ଘର ତାଲା ଭାଙ୍ଗି ଚୋରି କରିଥିଲେ। ପରେ ଘର ମାଲିକ ଏ ନେଇ ରାୟଗଡା ଟାଉନ ଥାନାରେ କେଶ ନମ୍ବର ୫୩/୧୭ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ରବି ମହାନନ୍ଦିଆ ଦୋଷୀ ପ୍ରମାଣିତ ହୋଇଥିବାବେଳେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ପ୍ରକାଶ ଖରା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ରବିଶଙ୍କର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସରକାରଙ୍କ ତରଫରୁ ସଚିଦାନନ୍ଦ ଖାଡ଼ଙ୍ଗା ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଟୁଟୁ ଦାସ ମାମଲା ପରିଚାଳନା କରିଥିଲେ।

## ଲାୟନ୍ସ କ୍ଲବର ନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ


ଲାୟନ୍ସ କ୍ଲବ ପ୍ରତିନିଧିମାନେ ଶପଥ ଗ୍ରହଣ କରୁଛନ୍ତି।

ନବରଙ୍ଗପୁର, ୧୬।୭ (ସଦାଶିବ ପ୍ରହରାଜ)

ନବରଙ୍ଗପୁର, ନନ୍ଦାହାଣ୍ଡି ଲାୟନ୍ସ କ୍ଲବ ଓ କ୍ଲାସିକ ନବରଙ୍ଗପୁର ତରଫରୁ ସ୍ଥାନୀୟ ବିନୋଦ ପ୍ୟାଲେସଠାରେ ରବିବାର ଚଳିତ ୨୦୨୩-୨୪ ବର୍ଷ ପାଇଁ ନବ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କ ଦ୍ୱାରା ଜିଲା ସଦର ମହକୁମା ଡାକ୍ତରଖାନା ଓ ଡୁରୁଞ୍ଜିଆଗୁଡାର ପ୍ରାୟ ୫୦ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପ୍ରୋଟିନ ପାଉଡର, ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଶପଥ ଗ୍ରହଣ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାୟନ ସରସ୍ୱତୀ ପାତ୍ର ଯୋଗ ଦେଇଥିବା ବେଳେ ଲାୟନ ସୁରେଶ ପାଢ଼ୀ ହରିହର ଦାସ, ହେମନ୍ତ ଖୁଣ୍ଟିଆ, ଲାୟନ ଡ. କେ.ଧନୁର୍ଜୟ ପଟ୍ଟନାୟକ, ନବରଙ୍ଗପୁର ଲାୟନ୍ସ କ୍ଲବ ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ଲାୟନ ଜଗନ୍ନାଥ ମହାପାତ୍ର, ସନ୍ତୋଷ ମିଶ୍ର, ଲାୟନ ରବୀନ୍ଦ୍ର ଜେନା, ବସନ୍ତ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁପମ ତ୍ରିପାଠୀଙ୍କ ସଭାପତିତ୍ୱରେ ଲାୟନ ତନ୍ମୟ ମିଶ୍ର ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସଂଯୁକ୍ତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ସମସ୍ତ ଲାୟନ ସଭ୍ୟା ଓ ସଭ୍ୟ ଯୋଗ ଦେଇ ଆଗାମୀ ବର୍ଷ ଅନୁଷ୍ଠାନରେ ଅଧିକରୁ ଅଧିକ ସମାଜର ଗଠନ ମୂଳକ କାର୍ଯ୍ୟକ୍ରମ ଆୟୋଜନ କରି କ୍ଲବର ଗୌରବ ବୃଦ୍ଧି କରିବାରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ ।

## ରିହାତିରେ କୃଷି ଯନ୍ତ୍ରପାତି କିଣିବାକୁ ଆଦେଶପତ୍ର


କୃଷି ଯନ୍ତ୍ରପାତି କିଣିବାକୁ ଆଦେଶପତ୍ର ପାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ।

ନବରଙ୍ଗପୁର, ୧୬।୭(ସଦାଶିବ ପ୍ରହରାଜ)

ସ୍ଥାନୀୟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟରେ ଜିଲ୍ଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ୧୦ଟି ସାଧାରଣ ବର୍ଗ ଏବଂ ୧୦ଟି ଆଦିବାସୀ ବର୍ଗର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୮୦% ରିହାତି ଦରରେ ବିଭିନ୍ନ କୃଷି ଯନ୍ତ୍ରପାତି କିଣିକିବାକୁ ଆଦେଶପତ୍ର ପ୍ରଦାନ କରାଯାଇଛି । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅତି କମ୍‌ରେ ୩ଟି ଯନ୍ତ୍ରପାତି ଏବଂ ଗୋଟିଏ ଅମଳ ପରବର୍ତ୍ତୀ ଯନ୍ତ୍ରପାତି କିଣି ୮ ଲକ୍ଷ ଟଙ୍କାର ରିହାତି ପାଇବେ । ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ବେହେରା, ନବରଙ୍ଗପୁର ବ୍ୟାଙ୍କ ଏଲଡିଏମ ସୁନୀଲ କୁମାର ଜାମୁଣ୍ଡା, ପାପଡାହାଣ୍ଡି ଅତିରିକ୍ତ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡି, ନବରଙ୍ଗପୁର ଏଇଇ ଗୌରୀ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଜନାଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଆର୍ଥିକ ଉନ୍ନତିରେ ସହାୟକ ହେବା ସହ ସେହି ଅଞ୍ଚଳରେ ସୂଚାରୁ ରୂପେ ଯାନ୍ତ୍ରିକ ପଦ୍ଧତିରେ ଚାଷ କରିବା ପାଇଁ ଭଡା ସୂତ୍ରରେ ସୁଲଭ ଓ ସୁବିଧାରେ କୃଷି ଯନ୍ତ୍ରପାତି ଲଗାଇ ଲାଭବାନ ହୋଇପାରିବେ ବୋଲି କୃଷି ଅଧିକାରୀ କହିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସରକାରଙ୍କ ଆଭିମୁଖ୍ୟକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଡା ମିଶ୍ର ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଏଥିସହ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନବରଙ୍ଗପୁର ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି କୃଷି କ୍ଷେତ୍ରରେ କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଅନ୍ୟମାନଙ୍କ ପାଇଁ ଆଦର୍ଶ ଓ ଉଦାହରଣ ସାଜିବା ପାଇଁ ପରାମର୍ଶ ଦେଇଥିଲେ ।

## ଉମରକୋଟରେ ଭାଜପାର ଜନସମ୍ପର୍କ ଅଭିଯାନ

ଉମରକୋଟ,୧୬।୭ (ସନ୍ତୋଷ ଶତପଥୀ)

ଉମରକୋଟ ନଗର ମଣ୍ଡଳରେ ଭାଜପା ପକ୍ଷରୁ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ସଫଳତା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରମେଶ ସାହୁ, ଅଶୋକ ପାଢ଼ୀ, ରାମ ନାୟକ, ସୁରେଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ସଫଳତା ବିଷୟରେ ବକ୍ତବ୍ୟ ରଖିଥିଲେ। ନଗର ମଣ୍ଡଳ ସଭାପତି ଗୋପୀନାଥ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ନଗର ମଣ୍ଡଳର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।


ଭାଜପା ଜନସମ୍ପର୍କ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା କର୍ମୀ।

## ନିଅଣ୍ଟିଆ ବର୍ଷା ଯୋଗୁ ବେଙ୍ଗ,ବେଙ୍ଗୁଲୀ ବିବାହ

ଧୋଡ୍ରା, ୧୬।୭( ଗଣେଶ ଚନ୍ଦ୍ର ଛତ୍ର)

ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ବର୍ଷାକୁ ଚାତକ ଭଳି ଚାହିଁ ରହିଥିବା ଚାଷୀ ବର୍ଷା ନ ହେବାରୁ ଅନ୍ଧବିଶ୍ୱାସ ବଶବର୍ତ୍ତୀ ହୋଇ ଧଡ୍ରା ବ୍ଲକ୍ କାରାଗାଁ ଗ୍ରାମରେ ବେଙ୍ଗ ଓ ବେଙ୍ଗୁଲୀ ବାହା କରାଇଥିବା ଦେଖିବାକୁ ମିଳିଛି। ବେଙ୍ଗ,ବେଙ୍ଗୁଲୀର ବିବାହ କରାଇଲେ ବର୍ଷା ହୋଇଥାଏ ବୋଲି ଆଦିବାସୀମାନଙ୍କର ବିଶ୍ୱାସ ରହିଛି। ପ୍ରଥମେ ଗ୍ରାମବାସୀ ଏକ ବୈଠକ କରି ବେଙ୍ଗ ,ବେଙ୍ଗୁଲୀ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ଶନିବାର ସ୍ଥାନୀୟ ପୂଜାରୀ ଘରୁ ଶତାଧିକ ଲୋକ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗାଁ ପାଖ ସିଙ୍ଗାରି ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା ପାଠ କରାଯାଇଥିଲା । ଏହାପରେ ବେଙ୍ଗ ଓ ବେଙ୍ଗୁଲୀକୁ ଧରି ଦୁଇଟି ନୂତନ ମାଟି ହାଣ୍ଡିରେ ରଖା ଯାଇଥିଲା। ତାହାକୁ ଗ୍ରାମରେ ଆଣି ବାହାଘର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗ୍ରାମର ମାଝୀ ପରିବାର ବରପକ୍ଷ ଥିବା ବେଳେ ଗ୍ରାମର ଏକ ରହିତ ପରିବାର କନ୍ୟା ପକ୍ଷ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ। ଶେଷରେ ନଦୀରେ ବିସର୍ଜନ କରାଯିବ ବୋଲି କାରାଗାଁ ମାଟି ପୂଜାରୀ ଦଶରଥ ପୂଜାରୀ ସମେତ ଚଲାଣ, ଗାଉଁଟିଆ, ଗଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି।


କାରାଗାଁ ଗ୍ରାମରେ ବେଙ୍ଗ ବେଙ୍ଗୁଲୀ ବିବାହ କରାଯାଉଛି।

ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଏକ କୃଷିଭିତ୍ତିକ ଜିଲା। ଜିଲାର ଅଧିକାଂଶ ବ୍ଲକରେ ଜଳସେଚନ ସୁବିଧା ନ ଥିବାବେଳେ ଏବଂ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କଲାଣି, ତଳି ଉପାଡ଼ି ହଉନାହିଁ କି ବେଉଷଣ କାମ କରି ପାରୁନାହାନ୍ତି ଚାଷୀ। ଅନ୍ୟପଟେ ତଳିଗୁଡାକ ପାକଳ ହେବାକୁ ବସିଲାଣି । ବର୍ଷା ହେବା ପରେ ଯଦି ଏହି ତଳିକୁ ରୁଆ ଯାଏ ତେବେ ଧାନ ଅମଳ କମ୍ ହେବ ବୋଲି ଚାଷୀମାନେ କହିଛନ୍ତି।

## ମାଛ ଖାଦ୍ୟ ପ୍ରସ୍ତୁତ କାରଖାନା ଉଦ୍‌ଘାଟିତ

କୋଷାଗୁମୁଡା, ୧୬।୭ (ପ୍ରସାଦ ବିଶୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ଆର୍‌ଏମସି ଗୋଦାମଠାରେ ରବିବାର ମାଛ ଖାଦ୍ୟ ପ୍ରସ୍ତୁତ କାରଖାନା ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ମିଶ୍ର ଚାଷୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ସରକାର ସବୁ କ୍ଷେତ୍ରରେ ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ ସହାୟତା ପ୍ରଦାନ କରୁଛନ୍ତି। ଏଣୁ ଚାଷୀମାନେ ନୂତନ ଜ୍ଞାନକୌଶଳ ପ୍ରୟୋଗ କଲେ ଲାଭବାନ ହେବା ସହ ଅନ୍ୟ ଶ୍ରମିକମାନେ ମଧ ଉପକୃତ ହେବେ। ଏବେ ମହିଳା ଉଦ୍ୟୋଗୀମାନେ ଆଗେଇ ଆସୁଛନ୍ତି ଓ ସେମାନେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ସବୁ ଆରମ୍ଭ କରୁଛନ୍ତି। ଆଗାମୀ ୫ ବର୍ଷରେ ଜିଲାର ଚାଷୀମାନେ ଆଗେଇ ଯିବେ । ଚାଷୀ ଉତ୍ପାଦନ କଲେ ସେହି ଜିନିଷ ବିକ୍ରି କରିବାକୁ କୌଣସି ସମସ୍ୟା ହେବ ନାହିଁ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା କରାଯିବ ବୋଲି ଜିଲାପାଳ କହିଥିଲେ। ଏହି ନୂତନ କାରଖାନା ଦ୍ୱାରା ମାଛ ଚାଷୀଙ୍କୁ ଖାଦ୍ୟ ପାଇଁ ଅନ୍ୟ ଜିଲା ଓ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏବେ କୋଷାଗୁମୁଡାରେ ଏହା ମିଳିପାରିବ । କମ୍ ମୂଲ୍ୟରେ ମାଛ ଚାଷ କରୁଥିବା ଚାଷୀ ଏହାଦ୍ୱାରା ଉପକୃତ ହେବା ସହ ଲାଭବାନ ହୋଇପାରିବେ।

ଏହିକାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା, ମୁଖ୍ୟବକ୍ତା ଭାବେ ଡା. ବାରିକ (ସିପା ଭୁବନେଶ୍ୱର), ସମ୍ମାନିତ ଅତିଥି ଭାବେ ଜୟପୁର ଡିଡିଏଫଓ ସନ୍ତୋଷ କୁମାର ଦଲେଇ, ଅବସରପ୍ରାପ୍ତ ଡିଏଫଓ ଜୀ ଜଗଦୀଶ, ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ,ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, କୋଷାଗୁମୁଡା ଶ୍ରୀଗଣେଶ ପିଏଫଏମସିଏସ ସଭାପତି ଦେବାନନ୍ଦ ପଟ୍ଟନାୟକ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ । ସିଫା ଭୁବନେଶ୍ୱର ସହାୟତାରେ କୋଷାଗୁମୁଡା ଶ୍ରୀ ଗଣେଶ ପିଏଫଏମସିଏସର ସଦସ୍ୟମାନେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହି କାରଖାନା ନିର୍ମାଣ କରିଛନ୍ତି ।


ମାଛ ଖାଦ୍ୟ ପ୍ରସ୍ତୁତ କାରଖାନାକୁ ଜିଲାପାଳ ଉଦଘାଟନ କରୁଛନ୍ତି।

## ସଂକ୍ଷେପରେ

### ବଡିଗୁଡାରେ ଅବକାରୀ ଚଢ଼ାଉ

ଜୟପୁର, ୧୬।୭ (ପବନ ପାଣିଗ୍ରାହୀ)- ଦେଶୀ ମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀ ରବିବାର ବଡିଗୁଡାର ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଶହ ଲିଟର ପୋଚ ଓ ୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଏସମ୍ପର୍କରେ ଆଗୁଆ ସୂଚନା ପାଇ ଚୋରା ମଦ କାରବାର କରୁଥିବା ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ବିଭାଗୀୟ କର୍ମଚାରୀ ବହୁ ମଦ ଭାଟି ଭାଙ୍ଗିବା ସହ ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ ଜବତ କରି ଫେରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ବାଇକ୍ ଚୋରି କରି ଜଣେ ଗିରଫ

ଜୟପୁର, ୧୬।୭(ପବନ ପାଣିଗ୍ରାହୀ)- ଜୟପୁର ଟାଉନଥାନା ପୋଲିସ ରବିବାର ଏକ ବାଇକ୍ ଚୋରି ମାମଲାରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ସନ୍ତୋଷୀ ମା' ନଗରର ତାପସ ରଞ୍ଜନ ସାହୁ (୧୯)। ପାରାବେଡା ଅରବିନ୍ଦ ନଗରରେ ରହୁଥିବା ଆନନ୍ଦ ଚନ୍ଦ୍ର ଓଝା ନିଜ ଘର ସମ୍ମୁଖରେ ବାଇକ୍ ରଖିଥିବା ବେଳେ ଏହା ଚୋରି ହୋଇଯାଇଥିଲା। ଏନେଇ ଓଝା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ସନ୍ତୋଷୀ ମା' ନଗରର ତାପସଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ଚୋରି ବାଇକ୍‌କୁ ତାପସ ନିକଟସ୍ଥ ଭୁତନାଥ ମନ୍ଦିରଠାରେ ଲୁଚାଇ ରଥିଲେ। ଏହାକୁ ପୋଲିସ ଜବତ କରିଛି। ତାପସଙ୍କ ନାମରେ ୨୦୧୪ର ଏକ ଚୋରି ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### ବିଜୁ ଶ୍ରମିକ ସାମ୍ମୁଖ୍ୟର ଯୋଜନା କମିଟି କର୍ମଶାଳା

ଜୟପୁର, ୧୬।୭(ପବନ ପାଣିଗ୍ରାହୀ)- ବିଜୁ ଶ୍ରମିକ ସାମ୍ମୁଖ୍ୟ ଯୋଜନା କମିଟିର ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ନନ୍ଦିନୀ ପଣ୍ଡା, ମୁକ୍ତାର ରାଜ୍ୟ ଉପଦେଷ୍ଟା ମୀରା ପରିଡା, ଯୋଜନା କମିଟି ସଭାପତି ଲତା ରାୟ, ଜିଲା ସଭାପତି ପାବତୀ ମଣ୍ଡି, ପୂର୍ବତନ ଜିଲା ପରିଷଦ ସଭାପତି ତୁଳସୀ କିର୍ଶାନି, ବାଲା ରାୟ, ପଙ୍କଜ ପାତ୍ର, ଜୋନାଲ ସଭାପତି ନିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ସୁରକ୍ଷା ସମିତି ଅଧିବେଶନ

#### ପରିଚାଳନା, ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

ଜୟପୁର, ୧୬।୭(ପବନ ପାଣିଗ୍ରାହୀ)- ଜୟପୁର ସିଖ୍ରା କାର୍ଯ୍ୟାଳୟରେ ମନ୍ଦିର ସମିତିର ଏକ ଅଧିବେଶନ ଶକ୍ତି ପ୍ରସାଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ନିରଞ୍ଜନ ପାଣିଗ୍ରାହୀ ସ୍ୱାଗତ ସୂଚନା ଦେଇ ମନ୍ଦିର ସୁରକ୍ଷା ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜୟପୁର ବ୍ଲକ ଅଧୀନରେ ଥିବା ସମସ୍ତ ମନ୍ଦିର ପରିଚାଳନାରେ ଦୁଇ ଜଣଙ୍କୁ ସାମିଲ କରିବାକୁ ଅଧିବେଶନରେ ନିଷ୍ପତ୍ତି ହୋଇଥିଲା। ତହସିଲଦାରଙ୍କ ସହ ଯୋଗାଯୋଗ କରି ଜୟପୁର ସହରର ନିକଟସ୍ଥ ଗ୍ରାମଗୁଡିକରେ କେତୋଟି ମନ୍ଦିର ରହିଛି ଏବଂ ଏହାର ପରିଚାଳନା କମିଟି ସମ୍ପର୍କରେ ବିବରଣୀ ସଂଗ୍ରହ କରିବାକୁ ଅଧିବେଶନରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମନ୍ଦିରଗୁଡିକର ସୁପରିଚାଳନା, ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରିଚାଳନା କମିଟିର ସୁପରିଚାଳନା ଲାଗି କାର୍ଯ୍ୟକାରୀ ଶକ୍ତି ପ୍ରସାଦ ଷଡଙ୍ଗୀଙ୍କୁ ସଭାପତି ଓ ନିରଞ୍ଜନ ପାଣିଗ୍ରାହୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି।

# ପ୍ରବାସୀଙ୍କୁ ଦିଆଯାଇଥିବା ଖାଦ୍ୟ ଟଙ୍କା ବାକି

- କୋଭିଡ୍-୧୯ର ଦ୍ୱିତୀୟ ଲହର
- ବାକି ଦେଇଥିବା ବ୍ୟବସାୟୀ ପାଇନାହାନ୍ତି ଟଙ୍କା

ମାଲକାନଗିରି,୧୬।୭(ଦୁର୍ଯ୍ୟୋଧନ ପାତ୍ର)


ବାହାରୁ ଆସିଥିବା ପ୍ରବାସୀ ।

କୋଭିଡ୍ ମହାମାରୀ ଦେଶରେ କୋକୁଆ ଭୟ ସୃଷ୍ଟି କରିଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାରା ଦେଶରେ ଲକ୍‌ଡାଉନ୍, ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ଓଡ଼ିଶାରୁ ଦାଦନ ଖଟିବା ପାଇଁ ଶହ ଶହ ଶ୍ରମିକ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକୁ ଯାଇଥିଲେ। ସେହି ରାଜ୍ୟରେ ଲକ୍‌ଡାଉନ୍, ଶଟଡାଉନ ଯୋଗୁ ଶିଳ୍ପ ପ୍ରତିଷ୍ଠାନଗୁଡିକ ବନ୍ଦ ହୋଇଯିବାରୁ ଶ୍ରମିକମାନେ ଦୟନୀୟ ଅବସ୍ଥାରେ ରହିଥିଲେ। ଅନେକ ଶ୍ରମିକ ଟଙ୍କା ଅଭାବରୁ ଶେଷରେ ଚାଲି ଚାଲି ମଧ ଘରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ଅବିଭକ୍ତ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଓ ଗଞ୍ଜାମ ଆଦି ଜିଲାରେ ଯେଉଁ ଶ୍ରମିକମାନେ ଆନ୍ଧ୍ର, ଛତିଶଗଡ, ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ ଓ କେରଳ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିଲେ ସେମାନେ ମାଲକାନଗିରି ଜିଲାର ଶେଷ ସୀମା ମୋଟୁ ଦେଇ ଓଡ଼ିଶାକୁ ପ୍ରବେଶ କରୁଥିଲେ। ସେ ସମୟରେ ଜିଲା ପ୍ରଶାସନ ତରଫରୁ ମୋଟୁ ପ୍ରବେଶ ଦ୍ୱାରରେ ସମସ୍ତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀରେ ରଖା ଯାଇ ମାଗଣା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଏଥିସହ ସ୍ୱତନ୍ତ୍ର ଗାଡି କରି ନିଜ ନିଜ ଜିଲାକୁ ଏହି ଶ୍ରମିକମାନଙ୍କୁ ପଠାଯାଇଥିଲା। କିନ୍ତୁ ଏହି ଶ୍ରମିକମାନଙ୍କୁ ଖାଦ୍ୟ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ତାହା ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ପଦାଧିକାରୀମାନେ ବ୍ୟବସାୟୀମାନଙ୍କଠାରୁ ଉଧାର କରି ନେଇଥିଲେ । କିନ୍ତୁ କୋଭିଡ୍‌କୁ ୨ ବର୍ଷ ବିତିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଖାଦ୍ୟ ସାମଗ୍ରୀ ଦେଇଥିବା ବ୍ୟବସାୟୀମାନେ ସେମାନଙ୍କ ଟଙ୍କା ପାଇ ନଥିବା ଜଣାପଡିଛି।

ପ୍ରକାଶ ଯେ, କୋଭିଡ୍-୧୯ ଦ୍ୱିତୀୟ ଲହର ୧।୫।୨୦୨୧ରେ ଆରମ୍ଭ ହୋଇ ୩୧।୬।୨୦୨୧ଦୀର୍ଘ ୨ ମାସ ଲାଗି ରହିଥିଲା। ଏହି ୨ ମାସ ମଧ୍ୟରେ ସୀମାନ୍ତ ମୋଟୁଠାରେ ଜିଲା ପ୍ରଶାସନ ତରଫରୁ ୧୯୦୨୩ ଜଣ ଶ୍ରମିକଙ୍କୁ ଦିନକୁ ଦୁଇ ଓଳା ଖାଇବାକୁ ଦିଆଯାଉଥିଲା। ସେଠାରେ ନିୟୋଜିତ ଥିବା ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ଦିନକୁ ୩ ଓଳା କାଇବାକୁ ଦିଆଯାଇଥିଲା। ଏଥିସହ ଗାଡିରେ ପ୍ରାୟ ୫୫୦ ଲିଟର ତେଲ, ଡ୍ରାଇଭରମାନଙ୍କୁ ଖାଦ୍ୟ, ବିଦ୍ୟୁତ୍ ନିମନ୍ତେ ଜେନରେଟର ଇତ୍ୟାଦି ଲାଗି ତେଲ ଖର୍ଚ୍ଚ କରାଯାଇଥିଲା। ଏହିସବୁ ସାମଗ୍ରୀ ନିୟୋଜିତ ଥିବା କର୍ମଚାରୀମାନେ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଜରୁରିକାଳୀନ ପରିସ୍ଥିତିରେ ବାକିରେ ନେଇଥିଲେ। କିନ୍ତୁ ଅଦ୍ୟାବଧି ଉକ୍ତ ବ୍ୟବସାୟୀମାନେ ବାକି ଟଙ୍କା ପାଇନଥିବା ବହୁ ବ୍ୟବସାୟୀ କହିଛନ୍ତି।

ଏ ସମ୍ପର୍କରେ ତତ୍କାଳୀନ କାଳିମେଲା ବିଡିଓ ଉମାଶଙ୍କର ଦଳେଇ ଦୁଇ ଦୁଇଥର ସମ୍ପୃକ୍ତ ଖର୍ଚ୍ଚର ଭାଉଚର ଓ ଅର୍ଥ ପୈଠ କରିବା ପାଇଁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ମଧ ଏହାର କୌଣସି ପଦକ୍ଷେପ ନେଇ ନ ଥିବାରୁ ବ୍ୟବସାୟୀମାନେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ଜିଲାପାଳ ବିଶାଲ ସିଂଙ୍କ ସହ ଯୋଗାଯୋଗ କରିବାରୁ ଏହି ଟଙ୍କା ବାକି ଥିବା ମୋ ଦୃଷ୍ଟିକୁ ଆସିନାହିଁ। ତେବେ ଖୁବ୍ ଶୀଘ୍ର ସେହି ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ


ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ।

ମାଲକାନଗିରି,୧୬।୭ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସରକାରୀ ପଲିଟେକ୍ନିକ୍‌ରେ ଶନିବାର ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୩ ପାଳିତ ହୋଇଯାଇଛି। ପ୍ରଶାସନିକ ବ୍ଲକରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ଦାସଙ୍କ ସ୍ୱାଗତ ସମ୍ବୋଧନରେ ବୈଠକ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଏଡିଏମ୍ ମହେଶ୍ୱର ଚନ୍ଦ୍ର ନାୟକ, ନିମନ୍ତ୍ରିତ ଅତିଥି ବିଏସ୍ଏଫ ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ମାଲକାନଗିରି କଲେଜ ବାଣିଜ୍ୟ ମୁଖ୍ୟ ରଞ୍ଜନ କୁମାର ସ୍ୱାଇଁ ଏବଂ ବିଭିନ୍ନ ଅନୁଷ୍ଠାନର ଶିକ୍ଷକ ଉପସ୍ଥିତ ଥିଲେ।

ସଭାରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଏକାଠି କରି ଦକ୍ଷତା ବିକାଶ ଦିଗରେ ପ୍ରଚେଷ୍ଟା ପାଇଁ ଅନୁଷ୍ଠାନ ଏଭଳି କାର୍ଯ୍ୟକ୍ରମ ଜିଲା ପାଇଁ ଏକ ଉଦାହରଣ। ଛାତ୍ରୀଛାତ୍ରଙ୍କ ଦକ୍ଷତାର ଉନ୍ନତି ପାଇଁ ସେମାନେ ଗୁରୁତ୍ୱପୂର୍ଣ୍ଣ ବିଷୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସରକାରୀ ପଲିଟେକ୍ନିକ୍‌ଠାରେ ଓଡିଆ ଏବଂ ଇଂଲିଶ ତର୍କ ପ୍ରତିଯୋଗିତା, ଓଡ଼ିଆ ଏବଂ ଇଂଲିଶ ପ୍ରବନ୍ଧ, କୁଇଜ୍, ଚେସ୍, କ୍ୟାରମ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ ଶର୍ମିଳା ଶବର ଓ ମଙ୍ଗଳ ସିଂ ଲକ୍ଷ୍ମଣ ମାଝି ପ୍ରମୁଖ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧାପକ ଅବକାଶ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରସୂତିଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଫଳ ବଣ୍ଟନ



ଡାବୁଗାଁସ୍ଥିତ ମା'ଗୃହରେ ଥିବା ପ୍ରସୂତିଙ୍କ ସହ ଅତିଥି ।

ଡାବୁଗାଁ, ୧୬।୭ (ପ୍ରଜ୍ଞା ରଞ୍ଜନ ପରିଡା )

ଡାବୁଗାଁ ବ୍ଲକ ସଦର ମହକୁମାରେ ରାଜ୍ୟ ରାଜପଥ-୩୯ ପାର୍ଶ୍ୱରେ ଥିବା ମା'ଗୃହରେ ଥିବା ପ୍ରସୂତୀଙ୍କୁ ରବିବାର ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ ନିତ୍ୟ ବ୍ୟବହାର କରୁଥିବା ସମାଗ୍ରୀ ପ୍ରଦାନ କରିଛନ୍ତି। ମା'ମାନଙ୍କୁ ବ୍ରସ, ପେଷ୍ଟ, ସାମ୍ପୋ, ସାବୁନ ଓ ତେଲ ବୋତଲ ପ୍ରଭୃତି ପ୍ରଦାନ କରିଥିବା ବେଳେ ପ୍ରସୂତୀ ମା'ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଅନୁରୂପ ଭାବେ କ୍ୟାରାମ ଅର୍ଗାନାଇଜେସନ ର ଅଧ୍ୟକ୍ଷ ଡ. ଜୀବନ କୁମାର ଦିକ୍ଷୀତ, ଉପାଧ୍ୟକ୍ଷ ଡ. କୁଲଦୀପ ମୋଙ୍ଗା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜିକା କୁମଣି ମାଝୀ, ମହିଳା ସ୍ୱାସ୍ଥ୍ୟ ସହାୟିକା ଶାନ୍ତି ଭଣ୍ଡାରି, ବିମଳା ଟାକ୍ରି, ନମିତା କୁମାରୀ କୁଶ ଓ ରନ୍ଧନ ସହାୟିକା ସରା ଜାନୀ ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ୧୮ ମେ ୨୦୨୦ରେ ୧୫ ଜଣ ପ୍ରସୂତୀ ମହିଳାଙ୍କୁ ନେଇ ମା'ଗୃହ ଆରମ୍ଭ କରିଥିଲା ତାର କାର୍ଯ୍ୟକ୍ରମ । ୨୦୨୧ରେ ୨୫୨ ଜଣ ପ୍ରସୂତୀ ଓ ୨୦୨୨ ଓ ୨୦୨୩ ଜାନୁଆରୀ, ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ୨୯୨, ଫେବୃଆରୀ ୨୦ ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ୧୫୬ ଜଣ ପ୍ରସୂତୀ ମହିଳା ମିଶି ଆଜିକୁ ମୋଟ ୯୯୫ ଜଣ ମହିଳା ସୁଖ ପ୍ରସବ ପରେ ଛୁଆ ଓ ମା ସେମାନଙ୍କ ଗୃହକୁ ଫେରିଛନ୍ତି । ମା ଗୃହରେ ଏବେ ୬ ଜଣ ପ୍ରସୂତୀ ରହିଥିବା ବେଳେ ରବିବାର ୨ ଜଣ ପ୍ରସୂତୀ ଆସିଥିବା ଦେଖା ଯାଇଛି।

### ଚାକିରି ପଛରେ ନ ଗୋଡ଼ାଇ ଆତ୍ମନିର୍ଭରଶୀଳ ହୁଅ

ପାରଳାଖେମୁଣ୍ଡି,୧୬।୭ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡ଼ାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରଠାରେ ଗଜପତି ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଜିଲାର ସରକାରୀ ପଲିଟେକନିକ ଅନୁଷ୍ଠାନ ଏବଂ ଜନ ଶିକ୍ଷା ସଂସ୍ଥାନର ମିଳିତ ସହଯୋଗରେ ଜିଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକଯୁବତୀମାନେ ଚାକିରି ପଛରେ ନ ଗୋଡ଼ାଇ ଶିକ୍ଷା ସହିତ ନିଜର କୌଶଳର ବିକାଶ କରି ନିଜକୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରୀ ତ୍ରିପାଠୀ ଦକ୍ଷତା ବିକାଶ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ କହିଥିଲେ। ଜନଶିକ୍ଷା ସଂସ୍ଥାନ ନିର୍ଦ୍ଦେଶକ ପି. ଜୀବନ ଦାସ ଏବଂ ସରକାରୀ ପଲିଟେକନିକ ଅନୁଷ୍ଠାନର ଅଧ୍ୟକ୍ଷ ଅନିକେତ ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରର ପ୍ରଶିକ୍ଷିକା ଶ୍ରୀମତୀ ମିଲି ଜେନା ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଠାରେ ତାଲିମ ନେଇ ହାଇଦ୍ରାବାଦଠାରେ ଏକ ଘରୋଇ ହସ୍‌ପିଟାଲରେ ଚାକିରି କରୁଥିବା ପି. ନନ୍ଦିନୀ ଏବଂ ରୁତାନି ଶବରଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରୀୟ ପରିଚାଳକ ରାଜେଶ ଗୁରୁ, ବଳଭଦ୍ର ସେନାପତି, ପ୍ରତ୍ୟୁଷ ରଞ୍ଜନ ଦଣ୍ଡସେନା, ବନିତା ଶବର ଓ ମିଲି ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପୋଡଘାଟ ପଞ୍ଚାୟତରେ ବିଜେଡି ବୈଠକ



ବୈଠକରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ ।

ଖଇରପୁଟ, ୧୬।୭(ଜଗନ୍ନାଥ ମାଝି)

ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡଘାଟ ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷନିଙ୍କ ଅଧ୍ୟକ୍ଷତାରେ ସମ୍ମାନନୀୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ସଭାପତି ତଥା ଖଇରପୁଟ ବ୍ଲକ କୋର୍ଡିନେଟର ସତ୍ୟ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝି, ମାଡକପଦର୍ ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ପାଙ୍ଗୀ ଓ ପୋଡଘାଟ ସରପଞ୍ଚ, ସମିତି ସଭ୍ୟ ବିଜୁ ଜନତା ଦଳ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ପୋଡଘାଟଳ ପଞ୍ଚାୟତର ସଭାପତି ପ୍ରିତମ୍ ଗୁରୁତେଲି ଓ ଲବ କାଳିଆ ଯୋଗ ଦେଇଥିଲେ। ଏଥିରେ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ବନ୍ଧରେ ସମସ୍ତ ୱାର୍ଡ ମେମ୍ବର, ସମିତି ସଭ୍ୟ ଓ ସରପଞ୍ଚଙ୍କୁ ଅବଗତି କରାଯାଇଥିଲା। ୱାର୍ଡ କମିଟି ମାଧ୍ୟମରେ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କର ଜନହିତକର କାର୍ଯ୍ୟ ପ୍ରତି ୱାର୍ଡରେ କିପରି ପହଞ୍ଚିବ ସେହି ଉପରେ ଆଲୋଚନା ହୋଇଥିଲା। ପ୍ରତି ୱାର୍ଡର ମୁଖ୍ୟମନ୍ତ୍ରୀଙ୍କର ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସେଠାରେ ଆଲୋଚନା ହୋଇଥିଲା। ସେହିପରି କଡମଗୁଡ଼ା ପଞ୍ଚାୟତ ଆମ୍ଲିପୁଟ ହାଟରେ ଏକ ବୈଠକ ବସିଥିଲା। ସେଥିରେ ମଧ ଆମ ଓଡ଼ିଶା ନବୀନ ଓଡ଼ିଶାର କାର୍ଯ୍ୟକ୍ରମ କରାଯାଇଥିଲା। କଡମଗୁଡ଼ା ପଞ୍ଚାୟତର ୧୧ ୱାର୍ଡକୁ ନେଇ ୱାର୍ଡ ମେମ୍ବର, ସମିତି ସଭ୍ୟ ଓ ବରିଷ୍ଠ ବିଜୁ ଜନତା ଦଳର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ।

# ଦୀର୍ଘଦିନର ପ୍ରତୀକ୍ଷା ପରେ ଖୋଲିଲା ଛାତ୍ରୀନିବାସ

ତେନ୍ତୁଲିଖୁଣ୍ଟି, ୧୬।୭(ଚିଦାନନ୍ଦ ସାହୁ)

ଦୀର୍ଘ ୭ ବର୍ଷର ପ୍ରତୀକ୍ଷା ପରେ ଉଦ୍‌ଘାଟିତ ହେଲା ତେନ୍ତୁଲିଖୁଣ୍ଟି ସ୍ଥିତ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସ। ବାପୁଜୀ ଉଚ୍ଚ ବିଦ୍ୟାଳୟରେ ୨୦୦ ଶଯ୍ୟା ବିଶିଷ୍ଟ ବାଳିକା ସେବାଶ୍ରମ ବହୁ ଦିନର ଅପେକ୍ଷା ପରେ ୧୩ ତାରିଖରେ ଖୋଲିଥିଲା। ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପରେ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀନିବାସ ଖୋଲିଥିବା ବେଳେ ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସ କେବେ ଖୋଲିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ, ଆଗକୁ ଛାତ୍ରୀମାନେ କିପରି ଉତ୍ତମ ଶୈକ୍ଷଣିକ ପରିବେଶରେ ଶୃଙ୍ଖଳିତ ସହିତ ପାଠ ପଢିବେ ବଡ ମଣିଷ ହେବେ ସେହି ଉଦ୍ଦେଶ୍ୟରେ ଦୁଇ ସ୍କୁଲରେ ନିର୍ମାଣ କରାଯାଇଥିବା ଛାତ୍ରୀନିବାସ ୨୦୧୬ରେ କାମ ସମ୍ପୂର୍ଣ୍ଣ ହୋଇଥିଲା। ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ କିଛିବର୍ଷ ଛାତ୍ରୀଙ୍କୁ ରଖାଯାଇଥିଲା । ହଷ୍ଟେଲ ମେଟ୍ରନ ଓ ଅନ୍ୟାନ୍ୟ କର୍ମଚାରୀ ମଧ ନିଯୁକ୍ତ ହୋଇଥିଲେ। କିନ୍ତୁ ଉକ୍ତ ହଷ୍ଟେଲ ଛାତ୍ରଙ୍କ ପାଇଁ ଏବଂ ଛାତ୍ରୀନିବାସ ଉଦ୍ଦେଶ୍ୟରେ ନିର୍ମିତ କୋଠା ୨ କିଲୋମିଟର ଦୂର ଗୌଡ଼ ଦେଓପାଲିରେ ଥିବାରୁ ବିଦ୍ୟାଳୟ ପରିସର ଛାତ୍ରୀନିବାସ ବନ୍ଦ କରି ଦିଆଗଲା। ଯଦି ଗୌଡ଼ ଦେଓପାଲିରେ ହଷ୍ଟେଲ ଗୃହ ନିର୍ମାଣ ହୋଇଛି ସେଠାରେ ଛାତ୍ରାବାସ କରି ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟ ପରିସରରେ ଛାତ୍ରୀ ନିବାସ କରିବା ଉଚିତ ବୋଲି ସରପଞ୍ଚ ପ୍ରମିଳା ମୁଦୁଲି କହିଛନ୍ତି। ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସ କେବେ ଖୋଲିବ ବୋଲି ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କୁ ପଚାରିବାରୁ ଛାତ୍ରୀନିବାସରେ ରଖି ପଢ଼ାଇବା ପାଇଁ ଆଗ୍ରହୀ ଅଭିଭାବକଙ୍କୁ ବୁଝାଇ ଛାତ୍ରୀ ରଖିବାକୁ ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଛି। ଆବଶ୍ୟକ ସଂଖ୍ୟକ ଛାତ୍ରୀ ହୋଇଗଲେ ହଷ୍ଟେଲ ଖୋଲାଯିବ ବୋଲି ସେ କହିଥିଲେ।

# ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

କାଳିମେଳା, ୧୬।୭(ଜୀବନକୃଷ୍ଣ ଦାସ )


ଚେକ୍ ପ୍ରଦାନ କରାଯାଉଛି ।

ମାଲକାନଗିରି ଜଲା କାଳିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ ଏମ୍‌ଭି ୭୫ ଗ୍ରାମର ଜଣେ ଯୁବ ଶିକ୍ଷକ ପଡିଆ ବ୍ଲକ ଉରୁବାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନନ୍ତ ମଣ୍ଡଳ ଶିକ୍ଷକତା କରୁଥିଲେ। ତେବେ କିଛି ଦିନ ତଳେ ତାଙ୍କର ହଟାତ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ମାଲାକାନଗିରି ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନନ୍ତ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଏହି ଘଟଣା ପରେ ଜିଲା ସରକାରୀ ହାଇସ୍କୁଲ ଶିକ୍ଷକ ସଙ୍ଘ ତରଫରୁ ସଂଘ ସଦସ୍ୟମାନେ ଶିକ୍ଷକଙ୍କ ପରିବାର ସଦସ୍ୟଙ୍କୁ ଭେଟି ୫୭ ହଜାର ଟଙ୍କା ପ୍ରଦାନ କରିଥିବା ଜଣାଯାଇଛି। ଅର୍ଥ ପ୍ରଦାନ ସମୟରେ ସଙ୍ଘ ତରଫରୁ ଜିଲ୍ଲା ସଭାପତି ଶିବଶଙ୍କର ପ୍ରମାଣିକ, ଜିଲ୍ଲା ସମ୍ପାଦକ ସନ୍ଦୀପ ଦାସ, ଜିଲ୍ଲା ଉପସଭାପତି ସନାତନ ଦାସ, ସନାତନ ପ୍ରଧାନ, ଅରୁଣ କୁମାର ଗମାଙ୍ଗ, ଡି. ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କୁ ଅଭିଯୋଗ ପରେ ବି ଇକୋ ପାର୍କ ରାସ୍ତା ହେଲାନି

ମାଲକାନଗିରି,୧୬।୭(ଦୁର୍ଯ୍ୟୋଧନ ପାତ୍ର)


ଶୋଚନୀୟ ହୋଇପଡିଥିବା ରାସ୍ତା ।

ମାଲକାନଗିରି ଜିଲା ସଦର ମହକୁମାଠାରୁ ୫ କି.ମି.ଦୂର ସତୀଗୁଡା ଜଳଭଣ୍ଡାରକୁ ଲାଗି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳି ରହିଛି। ମାଲକାନଗିରି-ଜୟପୁର ଜାତୀୟ ରାଜପଥ ଡ୍ୟାମ୍ ସାଇଡ୍ ଛକଠାରୁ ପର୍ଯ୍ୟଟନ ସ୍ଥଳୀ ଯିବା ପାଇଁ ୫ କି.ମି.ରାସ୍ତା ୪ ବର୍ଷ ହେଲା ଶୋଚନୀୟ ହୋଇପଡିଛି। ବହୁବର୍ଷ ପୂର୍ବେ ଡ୍ୟାମ୍‌ସାଇଡ ଛକଠାକୁ ଏମ୍.ଭି. ୧୧୧ ପର୍ଯ୍ୟନ୍ତ ଅଣ ଓସାରିଆ ପିଚୁ ରାସ୍ତା ହୋଇଥିଲେ ମଧ ତାହା ନଷ୍ଟ ହୋଇଯାଇଛି। ଡ୍ୟାମ ଉପର ଦେଇ ପାର୍କକୁ ଯିବା ରାସ୍ତା ମଧ ଖାଲ ଖମାରରେ ଭର୍ତ୍ତି ହୋଇ ରହିଛି। ଏମ୍.ଭି. ୧୧୧ରୁ ଡ୍ୟାମ୍ ତଳ ରାସ୍ତା କାଦୁଅ ଏବଂ ବର୍ଷା ପାଣି ଜମି ରହିଛି। ଯାହାଦ୍ୱାରା ଚାଲି ଯିବା ମଧ ସମ୍ଭବ ହେଉନି। ଏହି ପାର୍କ ସିନ୍ଧ୍ରିମାଳ ପଞ୍ଚାୟତ ଅଧୀନରେ ଥିବା ବେଳେ ସରପଞ୍ଚ ଘାସି ନାୟକ ଏବଂ ସେହି ପଞ୍ଚାୟତ ଗ୍ରାମବାସୀ ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ବିଭିନ୍ନ ସମୟରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେବଳ ତିଆରି କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି, କିନ୍ତୁ ୫ ବର୍ଷ ହେଲା କାମ ହେଉନାହିଁ। ମାର୍ଚ୍ଚ ୨୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ ସହ ଏହାର ଉନ୍ନତି କରାଯିବ ବୋଲି କହିଥିଲେ। ଉକ୍ତ ଦିନ ପଞ୍ଚାୟତବାସୀ ୫-ଟି ସଚିବଙ୍କୁ ଏହି ରାସ୍ତା ସମ୍ବନ୍ଧରେ ଅବଗତ ସହ ଏକ ଲିଖିତ ଅଭିଯୋଗ କରିଥିଲେ।

କିନ୍ତୁ ସଚିବଙ୍କ ଗସ୍ତପରେ ମାଲକାନଗିରି ଜିଲାକୁ ଶିକ୍ଷା ବିଭାଗ, ବିଭିନ୍ନ ଧର୍ମାନୁଷ୍ଠାନକୁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଉକ୍ତ ରାସ୍ତା ପାଇଁ ଅଦ୍ୟାବଧି କୌଣସି ଅର୍ଥ ମଞ୍ଜୁର ହୋଇନାହିଁ । ରାସ୍ତା କେବ ହେବ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ବୋଲି ସରପଞ୍ଚ ଘାସି ନାୟକ ଓ ଯୁବ ନେତା ସଦାନନ୍ଦ ଖରା କହିଛନ୍ତି।

GAYATRI
GROUP OF INSTITUTIONS
Near Income Tax Office, Ambapua, Brahmapur
B.TECH. in Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9938044536, 9437962526, 9437579479

